**ବାଳାଶ୍ରମରୁ ପଳାଇଆସିଥିବା ୨ ଛାତ୍ର ସୋରରୁ ଉଦ୍ଧାର**

ସୋର,(ଜନ୍ମେଜୟ ମିଶ୍ର)-ଏକ ବାଳାଶ୍ରମର ୨ଜଣ ଅନ୍ତେବାସୀ ଲୁଚି ଚାଲି ଆସିଥିବା ବେଳେ ତାଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ସୋରରୁ ଉଦ୍ଧାର କରି ଥାନା ଜିମା ଦେଇଛନ୍ତି। ସୋର ବ୍ଲକ କେଦାରପୁର ପଞ୍ଚାୟତ ନୂଆହାଟ ଗ୍ରାମର ଟୁକୁନା ହାଁସଦାଙ୍କ ପୁଅ ଗଣେଶ (୧୦) ଓ ଦୀପକ ବେହେରାଙ୍କ ପୁଅ ସାଇରାଜ (୧୦) ଦୁଇବର୍ଷ ହେଲା ବଲେଶ୍ୱର ଉତ୍କଳ ବାଳାଶ୍ରମରେ ରହୁଥିଲେ। ଆଶ୍ରମରେ ରହୁଥିବା ପିଲାମାନେ ରାଗିଂ କରିବା ସହିତ ମାଡ ମାରନ୍ତି ବୋଲି ଅଭିଯୋଗ କରିଛନ୍ତି ।



## ସଂକ୍ଷେପରେ

### ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ଭଦ୍ରକ, ୨୫।୧୧ (ରବିନାରାୟଣ ଖିଲାର): ଭଦ୍ରକ ମହିଳା ମହାବିଦ୍ୟାଳୟରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ମଞ୍ଜୁଳା ପ୍ରଧାନଙ୍କ ସଭାପତିତ୍ୱ କରି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅତୁଳ କୁମାର ରାୟ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନା ଓ ତାହାର ସଫଳ ରୂପାୟନ ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଡାକ ବିଭାଗ ଅଧିକାରୀ ଶୋଭନ କୁମାର ମହାନ୍ତି ଲୋକଙ୍କୁ ସେମାନଙ୍କର କଷ୍ଟଲବ୍ଧ ଧନକୁ ଡାକ ଘର କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ଜମା ରଖି ସୁରକ୍ଷିତ ରହିବା ନେଇ ପରାମର୍ଶ ଦେଇଥିଲେ। ନଚେତ ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକର ପ୍ରଲୋଭନରେ ପଡ଼ି ଅଧିକ ସୁଧ ଆଶାରେ ମୂଳ ଟଙ୍କା ହରାଇବାକୁ ପଡ଼ିବ ବୋଲି ସେ ସତର୍କ ମଧ୍ୟ କରାଇଥିଲେ। ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ସହାୟତା କେନ୍ଦ୍ର ଖୋଲିବା ସଙ୍ଗେ ସଙ୍ଗେ ଜନସାଧାରଣ କିପରି ସାଇବର ଠକାମିରୁ ନିଜକୁ ସୁରକ୍ଷା ଦେଇପାରିବେ ମତବିନିମୟ ଜରିଆରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ପ୍ରାୟ ୧୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅର୍ଥ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ଅଧ୍ୟାପିକା ରଶ୍ମିରେଖା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀଛାତ୍ରଙ୍କ ବିକାଶ ଲାଗି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଜଳେଶ୍ୱର, ୨୫।୧୧(ରବିନାରାୟଣ ପାତ୍ର)–ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ବିକାଶ ଲାଗି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଗନ୍ନାଥ ଡିଗ୍ରୀ କଲେଜରେ ଏହି କାର୍ଯ୍ୟକ୍ରମକୁ ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଯୁବଶକ୍ତିକୁ ସରକାର ଗୁରୁତ୍ୱ ଦେଉଥିବାରୁ ଏହି ଯୋଜନାରେ ଯୁବ ସମାଜକୁ ସଚେତନ ଓ ଅଧିକ କ୍ରିୟାଶୀଳ କରାଯାଉଥିବା ସମ୍ପର୍କରେ କହିଥିଲେ। କଲେଜ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟର ୬୪ ପ୍ରତିଶତ ଯୁବଶକ୍ତି ରହିଥିବାରୁ ସେମାନଙ୍କ ବିକାଶ ଉଚ୍ଚ ଶିକ୍ଷାକ୍ଷେତ୍ରରେ ସରକାର ଧ୍ୟାନ ଦେଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ଦାସ, କାଉନ୍‌ସିଲର ସୁଷମା କର, ସାମାଜିକ କର୍ମୀ ଅଶୋକ ପାତ୍ର, ସଂଯୋଜକ ଶ୍ରବଣ କୁମାର ନାଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମୋନାଲିସା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳର ଉନ୍ନତି ହେଲେ ଦେଶର ଉନ୍ନତି ହୋଇପାରିବ

## ଘର ଘର କେସିସି ଅଭିଯାନ ଉତ୍ସବ

ସିମୁଳିଆ, ୨୫।୧୧ (ସନ୍ତୋଷ କୁମାର ନାୟକ)



କୃଷକ ମଞ୍ଚର ମୁଖ୍ୟ ଗଜେନ୍ଦ୍ର ପ୍ରସାଦ ବେହେରା ସୂଚନା ପ୍ରଦାନ କରୁଛନ୍ତି।

ବ୍ୟାଙ୍କ ଉପଭୋକ୍ତା, ଜନସାଧାରଣଙ୍କୁ ସଚେତନତା ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ଉଦ୍ଦେଶ୍ୟରେ ବୁଧବାର ସିମୁଳିଆ ଷ୍ଟେଟବ୍ୟାଙ୍କ ପରିସରରେ ଘରଘର କେସିସି ଅଭିଯାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ନାବାର୍ଡର ଡିଡିଏମ୍ ତାପସ କୁମାର ପ୍ରଧାନ ଯୋଗଦେଇ ଚାଷୀ, ଭୂମିହୀନ ଚାଷୀ, ଏସ୍‌ଏଚ୍‌ଜିଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ବ୍ୟାଙ୍କ ଋଣ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ରୂପେ ଏଫ୍‌ଏଲ୍‌ସି ଦୟାନିଧି ମିଶ୍ର ପ୍ରତ୍ୟେକ ବ୍ୟକ୍ତି ଆୟର ଶତକଡା ୨୦ଭାଗ ଆଗାମୀ ଭବିଷ୍ୟତ ଯୋଜନା ପାଇଁ ସଞ୍ଚୟ କରିବା ସହିତ 'ସଞ୍ଚୟ ଓ ସାମାଜିକ ସୁରକ୍ଷା' ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଯୋଜନା ଯଥା ଅଟଳ ପେନସନ, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି, ସୁରକ୍ଷା, ବ୍ୟାଙ୍କ ଠକେଇ ଆଦି ସମ୍ପର୍କରେ ଅବଗତ ହେବା ସହିତ ଏଥିରୁ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ନାଗରିକ ସର୍ବନିମ୍ନ ବାର୍ଷିକ ୨୦ଟଙ୍କା ଦେଇ ନିଜ ପରିବାର ପାଇଁ ୨ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସହାୟତା ଯୋଗାଇଦେବା ଓ ଏଟିଏମ୍ ବ୍ୟବହାରକାରୀମାନେ ମଧ୍ୟ ୨ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ପାଇବାର ନିୟମ ରହିଥିବା ଦୟାନିଧି ମିଶ୍ର ସୂଚନା ଦେଇ ଗ୍ରାମାଞ୍ଚଳର ଉନ୍ନତି ହେଲେ ଦେଶର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଅତିଥି ରୂପେ ଏଲଡିଏମ୍ ବିଶ୍ୱଜିତ ଶତପଥି ସରକାରଙ୍କ ବିଶ୍ୱକର୍ମା ଯୋଜନାରେ ଥିବା ୧୮ଟି ସ୍କିମ ସମ୍ପର୍କରେ ସୂଚନା ଦେଇଥିଲେ। ସିମୁଳିଆର ଅଗ୍ରଣୀ ଚାଷୀ ତଥା କୃଷକ ମଞ୍ଚର ମୁଖ୍ୟ ଗଜେନ୍ଦ୍ର ପ୍ରସାଦ ବେହେରା ଚାଷୀମାନେ ସରକାରଙ୍କ ଯୋଜନାରୁ ଲାଭ ଉଠାଇବା ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି ବ୍ୟାଙ୍କ ମ୍ୟାନେଜର ସୋମନାଥ କବାଟ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ୧୦ଜଣ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାସ ଅଫିସର କବିତା ନାଥ ଅତିଥି ପରିଚୟ, ମଞ୍ଚ ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ପ୍ରଦାୟିକ ସଂହତି ସଚେତନତା



ଧାମନଗର କଲେଜରେ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଶପଥଗ୍ରହଣ କରୁଛନ୍ତି।

ଧାମନଗର, ୨୫।୧୧ (ଦେବେନ୍ଦ୍ର ଆଚିଆ)

ସାମ୍ପ୍ରଦାୟିକ ସଂହତି ସପ୍ତାହ ଅବସରରେ ଧାମନଗର ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସାଧାରଣ ଜୀବନରେ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ଭିତ୍ତିରେ ରହିଥିବା ତାରତମ୍ୟକୁ ଦୂର କରି ସମାଜରେ ସମତା ଓ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ସଚେତନତା ସପ୍ତାହ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବନମାଳୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଚେତନତା କରାଯିବା ସହ ଶପଥପାଠ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ଡ. ପ୍ରଶାନ୍ତ କୁମାର ପରିଡ଼ା, ଚିନ୍ମୟ ଜେନା, ଆଶୀର୍ବାଦ ମହାନ୍ତି, ସଜଳ କୁମାର ମହାନ୍ତି, ସୁଶ୍ରୀ ସଙ୍ଗୀତା ନାୟକ, ବାସ୍ତବିକା ଦାସ, ସାଜିଆ ତମକୀନ, କଲ୍ୟାଣୀ ଦାଶ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଡ. ମନୋଜ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ତୁଳସୀଯାତ୍ରା ଲାଗି ଜିଲା କଂଗ୍ରେସର ପ୍ରସ୍ତୁତି



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ରୂପସା(ବାଞ୍ଛାନିଧି ଦେ)/ବସ୍ତା(ହରିଶଙ୍କର ପାଢ଼ୀ), ୨୫।୧୧

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅବହେଳା ରାଜ୍ୟ ସରକାରଙ୍କ ସବୁ ସୀମା ଅତିକ୍ରମ କରିଛି। ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବାକୁ ଦାବିଠାରୁ ଆରମ୍ଭ କରି ଜଗନ୍ନାଥଙ୍କ ଅମୃତମଣୋହି ସମ୍ପତ୍ତିକୁ ଫେରାଇବା, ରତ୍ନଭଣ୍ଡାର ଚାବି ଖୋଲିବା ସହିତ ରତ୍ନର ସୁରକ୍ଷା ଓ ହିସାବ ଦାବି ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ହେବାକୁ ଥିବା ତୁଳସୀ ଯାତ୍ରା ପାଇଁ ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। କଂଗ୍ରେସନେତା ନବଜ୍ୟୋତି ପଟ୍ଟନାୟକଙ୍କ ସମ୍ମତି ଓ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ପରାମର୍ଶକ୍ରମେ ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ଆହ୍ୱାନକ୍ରମେ ବସ୍ତା ବ୍ଲକ ବାହାର୍ଦ୍ଦାସ୍ଥିତ ଡାକବଙ୍ଗଳାଠାରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପଞ୍ଚାୟତରୁ ତୁଳସୀ ସଂଗ୍ରହ କରାଯାଇ ବ୍ଲକ କଂଗ୍ରେସ କମିଟି ନିକଟରେ ପହଞ୍ଚିବ। ଏହି ତୁଳସୀକୁ ୩୦ତାରିଖ ସୁଦ୍ଧା ଜିଲା କଂଗ୍ରେସ ସଭାପତିଙ୍କ ନିକଟରେ ପହଞ୍ଚାଯିବ। ୧ତାରିଖ ବାଲେଶ୍ୱର ଜିଲା କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶରେ ସାରା ଜିଲାରେ ୫୦ରୁ ଊର୍ଦ୍ଧ୍ୱ ଚାରିଚକିଆ ଗାଡ଼ିରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ୧୦ଟା ସୁଦ୍ଧା ପହଞ୍ଚି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ହେବ ବୋଲି ଏହି ସମ୍ମିଳନୀରେ କୁହାଯାଇଛି। ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ବସ୍ତା ନିର୍ବାଚନ କଂଗ୍ରେସ ନେତା ବିଜନ ନାୟକ, ଜିଲା କଂଗ୍ରେସ ହରିଜନ ସଭାପତି ତଥା ଜିଲା ପରିଷଦ ସଭ୍ୟ ବାବାଜୀ ଦେହୁରୀ, କିଶାନ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ମହାପାତ୍ର, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ଦାସ, ସମବାୟ ସମିତି ସଭାପତି କିଶୋର ପାଳ, ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଯୁବ ନେତା ସୁବାସ ସାହୁ, ମଦନ ଭକ୍ତା, ଜଗନ୍ନାଥ ଜେନା ଓ ପ୍ରାଣକୃଷ୍ଣ ଆଦେଖ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୦ ଛାତ୍ରୀଛାତ୍ରଙ୍କ ରକ୍ତ ବର୍ଗୀକରଣ ଚିହ୍ନଟ

ନୀଳଗିରି, ୨୫।୧୧(ପ୍ରଶାନ୍ତ ବିଶ୍ୱାଳ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ନୀଳଗିରି କଲେଜ ଦ୍ୱାରା ଅନୁଷ୍ଠିତ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରାୟ ୨୦୦ଜଣ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣରେ ବ୍ଲଡ଼ ଗ୍ରୁପ ଚିହ୍ନଟ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ୩ ଜଣ କର୍ମଚାରୀଙ୍କ ସହଯୋଗରେ ପିଲାମାନଙ୍କର ରକ୍ତନମୁନା ସଂଗ୍ରହ କରାଯାଇ ସେମାନଙ୍କର ବ୍ଲଡ଼ ଗ୍ରୁପ୍ ଚିହ୍ନଟ କରାଯିବା ସହିତ ସେମାନଙ୍କୁ ରକ୍ତଦାନ କରିବା ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରାଧ୍ୟାପକ ବିରେଶ୍‌କୁମାର ପଣ୍ଡା, ସୁବ୍ରତ କୁମାର ନାୟକ, ପ୍ରଦୀପ କୁମାର ଜେନା, ଅଧ୍ୟାପକ ନଳିନୀକାନ୍ତ ପାଢ଼ୀ, ଅଶୋକ କୁମାର ମାଝି, ଅଧ୍ୟାପିକା କିରଣବାଳା ସେଠୀ, ବାସନ୍ତୀ ଦାସ, ରୋଜିନା ରୋଜାଲିନ, ସଙ୍ଗୀତା ପାତ୍ର, ଶୁଭଶ୍ରୀ ଶୁଭସ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉତ୍ସାହ ବଢ଼ାଇଥିଲେ।

## ଛାତ୍ରୀଛାତ୍ରଙ୍କ ଗ୍ରାମ ଦର୍ଶନ

ଚମ୍ପୁଆ, ୨୫।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚମ୍ପୁଆ ବ୍ଲକ୍ ରଜିଆ ଗ୍ରାମରେ ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୭ ଗୋଟି ଭାଗରେ ବିଭକ୍ତ ହୋଇ ଗ୍ରାମ୍ୟ ଜୀବନ, ଚାଲିଚଳଣ, ଆଚାର ବ୍ୟବହାର ସମ୍ପର୍କରେ ସର୍ଭେ କରିଥିଲେ। ଏପରିକି ଛାତ୍ରୀଛାତ୍ରମାନେ ମାଛ ଧରା, ମାଟି ପାତ୍ର ନିର୍ମାଣ, ଲୁହା କାମ, ବାଉଁଶ ପାଛିଆ ସହ ଗ୍ରାମରେ ଥିବା ଫଳ ବଗିଚା, ପନିପରିବା ଚାଷ, ଧାନ ଅମଳ ଆଦି ବୁଲି ଦେଖିବା ସହ ଜ୍ଞାନ ଆହାରଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।


ଜଣେ ଛାତ୍ର କମାର ଶାଳରେ ଚକ ବୁଲାଉଛନ୍ତି।

## ଅରୁଣ ବେଜ୍‌ଙ୍କ ବିୟୋଗରେ ଶୋକସଭା

ରାଇବଣିଆ, ୨୫।୧୧(ନବୀନ ସାହୁ)–ଜଳେଶ୍ୱର ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଅରୁଣ କୁମାର ବେଜଙ୍କ ବିୟୋଗରେ ଜଳେଶ୍ୱର ଅରୁଣ ଭାଇ ସ୍ମୃତି କମିଟି ତରଫରୁ ଶୋକସଭା ବାସନ୍ତୀ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ନଗରପାଳ ପ୍ରତୀପ ପ୍ରଧାନ, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ଆଇନଜୀବୀ ସତ୍ୟସୁନ୍ଦର ଦାସ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ରକ୍ତଦାତା ସଙ୍ଘର ସଭାପତି କମଲ ଚକ୍ରବର୍ତ୍ତୀ, ଅନନ୍ତ ଦାସ, ଇନ୍ଦୁମତୀ ଗିରି, ସାବିତ୍ରୀ ଜେନା, ଚନ୍ଦନ ଦାସ, ସମୀର ପାତ୍ର, ଶାନ୍ତନୁ ପଟ୍ଟନାୟକ, ତପନ ବିଶ୍ୱାଳ, ସୁମତିରାଣୀ ଦେ, ସୁକୁମାର ରଣା, ସିଦ୍ଧାର୍ଥ ଶଙ୍କର ପାଳ, ଭାଜପା ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ରାଜନେତା ପ୍ରମୁଖ ଉପସ୍ଥିତ ରହି ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ଜିଲା ପୋଲିସ ଟିମ୍ ଚାମ୍ପିୟନ

## ଭଦ୍ରକ କଲେକ୍ଟୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଭଦ୍ରକ, ୨୫।୧୧(ସନାତନ ରାଉତ/ ରବିନାରାୟଣ ଖିଲାର)–ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଲିଥିବା ତିନିଦିନିଆ ଭଦ୍ରକ କଲେକ୍ଟୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ରାତ୍ରିକାଳୀନ ଫାଇନାଲ ମ୍ୟାଚ୍‌ରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ଅଧିନାୟକତ୍ୱରେ ଜିଲା ପୋଲିସ ଟିମ୍ ଦମ୍‌ଦାର ପ୍ରଦର୍ଶନ କରି ଜିଲା ନିବନ୍ଧକ କର୍ମଚାରୀ ଟିମ୍‌କୁ ୧୬ ରନ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି।

ଜିଲା ପୋଲିସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୦ ରନ୍ କରିଥିବା ବେଳେ ନିବନ୍ଧକ କର୍ମଚାରୀ ଟିମ୍ ୪୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲେ। ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଓ ତିନିଦିନ ଧରି ସମସ୍ତ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ବିଜେତା ଓ ରନର୍ସଅପ୍ ଦଳକୁ ଟ୍ରଫି, କପ୍ ପ୍ରଦାନ କରିଥିଲେ। ପୋଲିସ ଟିମ୍‌ର ସୁଦାମ ମଲ୍ଲିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ କପ୍ ଗ୍ରହଣ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଟିମ୍।

## ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା

କେନ୍ଦୁଝର, ୨୫।୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏଚ୍.ପି. ଶ୍ରଦ୍ଧାଞ୍ଜଳି ଯୋଗଦେଇ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ କ୍ରୀଡ଼ା ଶିକ୍ଷାର ଏକ ପ୍ରମୁଖ ମାଧ୍ୟମ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା କ୍ରୀଡ଼ା ଉତ୍ସବରେ ଶିଶୁପ୍ରାରମ୍ଭ ଓ ଶିଶୁବୋଧ ଶ୍ରେଣୀର ୨୧୦ ଜଣ ଶିଶୁ ଭଉଣୀଭାଇମାନଙ୍କ ମଧ୍ୟରେ ବେଲୁନ ଦୌଡ଼, ଟୋପି ଚଷମା ଦୌଡ଼, ବଲ ଦୌଡ଼, ବସ୍ତୁ ସଂଗ୍ରହ ଦୌଡ଼, ବାଡ଼ି ଡିଆଁ, ଜିକ୍‌ଜାକ୍ ଖେଳ ଅନୁଷ୍ଠିତ ହୋଇଥିଲା। ଶିଶୁଙ୍କ ମାଆମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁବାଟିକାର ସମସ୍ତ ଶିଶୁଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ଶିଶୁଙ୍କ ଦ୍ୱାରା ବ୍ୟାୟାମ ଯୋଗ, ଯୋଗାସନ, ପିରାମିଡ୍ ଓ ନୃତ୍ୟ ପ୍ରଦର୍ଶନ ହୋଇଥିଲା। କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ଉକ୍ତ କ୍ରୀଡ଼ାକୁ ପରିଚାଳନା କରିଥିବା ବେଳେ ଶିଶୁବାଟିକା ବିଭାଗର ପ୍ରଦୀପ କୁମାର ଦାସ, ବିଜୟ ବାରିକ୍, ପୁଷ୍ପାଞ୍ଜଳି ସାହୁ, ମନସ୍ୱିନୀ ଦାଶ, ସୁଜାତା ମିଶ୍ର, ଜ୍ୟୋତିରାଣୀ ପଣ୍ଡା ଓ ଆରତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆର୍‌ଡେଣ୍ଟ୍ ଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର, ୨୫।୧୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଫୁଲଝରସ୍ଥିତ ଆର୍‌ଡେଣ୍ଟ୍ ଷ୍ଟିଲ୍ ପ୍ରାଇଭେଟ ଲିଃ ପରିସରରେ ଭୁବନେଶ୍ୱର ଆର୍ମୀ ହସ୍ପିଟାଲ ସହଯୋଗରେ ବାର୍ଷିକ ୨ ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍‌ଡେଣ୍ଟ ଷ୍ଟିଲର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡ. ଶୁଭାଶିଷ ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ମହେଶ ପ୍ରସାଦ ଅଗ୍ରୱାଲ ଏବଂ ଭେଷଜ ବିଭାଗର ବରିଷ୍ଠ ଡା. ବିଭୁଦତ୍ତ ବେହେରା କାରଖାନାରେ କାର୍ଯ୍ୟ କରୁଥିବା ୫୩୫ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଶେଷ କରି ରକ୍ତଚାପ, ଇସିଜି, ମଧୁମେହ, ହିମୋଗ୍ଲୋବିନ, କ୍ରିଏଟିନ୍, ଶ୍ୱାସ, ରେସପିରୋଟାରୀ, ଅକ୍ସିଜେନସ୍ତର ପରୀକ୍ଷା କରାଯିବା ସହ କାର୍ଡିଓଲୋଜି ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ଅଧୁନା କ'ଣ ପଦକ୍ଷେପ ନେବା ଜରୁରୀ ସେ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟତଃ ବର୍ଷକୁ ୨ଥର ପ୍ରତ୍ୟେକ ବ୍ୟକ୍ତି ବ୍ଲଡ୍‌ପ୍ରେସର ଏବଂ ବ୍ଲଡ୍‌ସୁଗାର ପରୀକ୍ଷା କରାଇବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ଖାଦ୍ୟରେ ଚର୍ବି ଓ ତେଲ କମ ଖାଇବାକୁ କହିଥିଲେ। ନିୟମିତ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ ବୋଲି ପରାମର୍ଶ ଦେଇଥିଲେ। ଏଜିଏମ୍(ଏଚ୍‌ଆର) ରଞ୍ଜନ ନାୟକ ଶିବିରକୁ ପରିଚାଳନା କରିଥିଲେ। ମେଗା ସ୍ୱାସ୍ଥ୍ୟ ଶିବିରକୁ ପ୍ଲାଣ୍ଟ୍ ହେଡ୍ ଇଂ ସନ୍ତୋଷ ଲେଙ୍କା, ଫ୍ୟାକ୍ଟ୍ରି ମ୍ୟାନେଜର ଦିଲ୍ଲୀପ ପାଣି, ଆର୍ମୀ ହସ୍ପିଟାଲର କର୍ପୋରେଟ ମ୍ୟାନେଜର ସୁକାନ୍ତ ସାହୁ ଏବଂ ପାରା ମେଡିକାଲ ଷ୍ଟାଫ୍ ପରିଚାଳନାରେ ସହଯୋଗ କରିଥିଲେ। ଶିବିର ନଭେମ୍ବର ୨୫ ତାରିଖ ସକାଳ ୯ ଘଟିକାଠାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।


ଅତିଥି ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

# ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ବାରିପଦା, ୨୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ହାଇଦ୍ରାବାଦସ୍ଥିତ ନନ୍ଦି ଫାଉଣ୍ଡେସନ ସହଯୋଗରେ ତିନି ସପ୍ତାହ ବ୍ୟାପୀ ଚାଲିଥିବା ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଯୋଗଦାନ କରି କାର୍ଯ୍ୟକ୍ରମରେ ଦିଆଯାଇଥିବା ପ୍ରଶିକ୍ଷଣ ଯଥା ନିଯୁକ୍ତି ସାକ୍ଷାତକାର, ଆତ୍ମପରିଚୟ, ଶାରୀରିକ ଭଙ୍ଗୀ, ଡିଜିଟାଲ କାର୍ଯ୍ୟକଳାପ, ସମୟ ଓ ଅର୍ଥର ଉପଯୋଗ, ଗୋଷ୍ଠୀଗତ ଆଲୋଚନା, ବୃତ୍ତିଗତ, ବାୟୋଡାଟା ତିଆରି, ଜଟିଳ ପରିସ୍ଥିତିରେ ସମ୍ମୁଖୀନ ଓ ସମାଧାନ ଆଦି ବିଷୟ ଗଡ଼ିକୁ ତର୍ଜମା କରିବା ସହିତ ଛାତ୍ରୀଛାତ୍ରଙ୍କର ମତାମତ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଏମ. ହିମବିନ୍ଦୁଙ୍କ ପୌରୋହିତ୍ୟରେ ନନ୍ଦୀ ଫାଉଣ୍ଡେସନ ତରଫରୁ ସଫ୍ଟସ୍କିଲ ଟ୍ରେନର ବିଭୁସୁନ୍ଦର ମହାନ୍ତି, ସୌରଭ ଚକ୍ରବର୍ତ୍ତୀ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ଏହି ପ୍ରଶିକ୍ଷଣ ଭବିଷ୍ୟତରେ କିପରି ଉପାଦେୟ ହେବ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜୈବ ପ୍ରଯୁକ୍ତି ବିଭାଗର ସହଯୋଗୀ ପ୍ରଫେସର ଡ. ସୁକାନ୍ତ ନାୟକ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ଯୋଗଦାନ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକମାନେ।

## ୩୪ ୟୁନିଟ୍ ରକ୍ତ ସଂଗ୍ରହ

ବନ୍ତ,(ହରିନାରାୟଣ ମହାନ୍ତି)-ଭଦ୍ରକ ଜିଲା ବନ୍ତ ବ୍ଲକ ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ବିଡିଓ ପ୍ରଦୀପ କୁମାର ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ପାର୍ଥ ସୁନ୍ଦର ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଶିକ୍ଷକ ରତିକାନ୍ତ ପଣ୍ଡା, ନରେନ୍ଦ୍ର ଦାସ, ସିଦ୍ଧାନ୍ତ ବେହେରା, ମାନସ ମାଝୀ, ଶିକ୍ଷୟିତ୍ରୀ ଅମ୍ବିକା ଜେନା, ଅନନ୍ୟା ବିଶ୍ୱାଳ ପ୍ରମୁଖ ରକ୍ତଦାନ କରିଥିଲେ। ଭଦ୍ରକ ରକ୍ତଭଣ୍ଡାରର ଏକ ଟିମ୍ ରକ୍ତ ସଂଗ୍ରହ କରିଥିଲା।

### ସଂକ୍ଷେପରେ

## ୨ ବାଇକ୍ ମୁହାଁମୁହିଁ ; ୧ ମୃତ, ୨ ଗୁରୁତର

ଢେଙ୍କୀକୋଟ,୨୫।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କୀକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର କପାସପଡ଼ା ବୁଲାଣି ରାସ୍ତାରେ ଶନିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ପାଟଣା ଥାନା ରଥପଡ଼ାର ସୁଦର୍ଶନ ମହାନ୍ତ (୨୦)। ଗୁରୁତର ମୟୂରଭଞ୍ଜ ଜିଲା କରଞ୍ଜିଆର ବିରକିଶୋର ମାଟିଆ, ପାଟଣା ଥାନା ସାଧୁପଡ଼ାର ଘନଶ୍ୟାମ ମହାନ୍ତ। ସୂଚନା ଅନୁଯାୟୀ, ବିରକିଶୋର ସନ୍ଧ୍ୟା ସମୟରେ ବାଇକ ଯୋଗେ କରଞ୍ଜିଆ ଯାଉଥିଲେ। ସେ ସମୟରେ ଅପରପାର୍ଶ୍ୱରୁ ଘନଶ୍ୟାମ ଓ ସୁଦର୍ଶନ ଏକ ବାଇକ୍ ଯୋଗେ ଆସୁଥିବା ବେଳେ କପାସପଡ଼ା ବୁଲାଣିରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଘଟଗାଁ ଡାକ୍ତରଖାନା ଓ ଜଣକୁ କେନ୍ଦୁଝର ଡାକ୍ତରଖାନା ପଠାଇଥିଲେ। କେନ୍ଦୁଝର ଡାକ୍ତରଖାନାରେ ସୁଦର୍ଶନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କୀକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ସୁରଥ ଚନ୍ଦ୍ର ଦେହୁରୀ ଘଟଣା ସ୍ଥଳକୁ ଯାଇ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି। ରବିବାର ମୃତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ବିଟ୍ ହାଉସ ଅଧିକାରୀ ପ୍ରକାଶ କରିଛନ୍ତି।

## ଟ୍ରକ୍ ପଛରେ ପିଟିଲା ବାଇକ୍, ଜଣେ ମୃତ

କେନ୍ଦୁଝର,୨୫।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଝାଡ଼ବେଲଦା ନିକଟରେ ଶନିବାର ସନ୍ଧ୍ୟାରେ ଏକ ବୋରୱେଲ ଖୋଳା ଗାଡ଼ି(ଟ୍ରକ୍) ପଛରେ ବାଇକ ଧକ୍କା ଦେଇ ଅରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣଙ୍କ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମର ପ୍ରଫୁଲ୍ଲ ନାଏକଙ୍କ ପୁଅ ବସନ୍ତ ନାଏକ(୨୭)। ସେ ଟାଟାପାୱାର ଇଲେକ୍ଟ୍ରି ବିଭାଗରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ବସନ୍ତ ବାଇକ୍ ଯୋଗେ ଗ୍ରାମରୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ଝାଡ଼ବେଲଦା ନିକଟରେ ବୋରୱେଲ ଗାଡ଼ି ପଛରେ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ବସନ୍ତଙ୍କ ମୁଣ୍ଡ ଖପୁରୀ ଦୁଇଫାଳ ହୋଇଯାଇଥିଲା। ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ଖବର ପାଇ ଦୁର୍ଘଟଣାଗ୍ରସ୍ତ ବାଇକ ଓ ବୋରୱେଲ ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ମୃତକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜୋନ୍ କୁଜୁରୁ କହିଛନ୍ତି।

# ୨୫ ମାସ ଧରି ବିନା ଦରମାରେ ୧୧ ଅସ୍ଥାୟୀ କୃଷି କର୍ମଚାରୀ

ଖଇରା, ୨୫।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୧୧ ଠିକା କୃଷି କର୍ମଚାରୀ ଗତ ୨୫ମାସ ହେଲା ବିନା ଦରମାରେ ଖଟୁଛନ୍ତି। ଏ ସମ୍ପର୍କରେ ବିଚାର କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ଏ ପର୍ଯ୍ୟନ୍ତ ଦରମା ମିଳୁ ନ ଥିବାରୁ ଜିଲାରେ ୧୧ଜଣ ଠିକା କର୍ମଚାରଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ସେମାନଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ସମସ୍ତ କର୍ମଚାରୀ ଅଦାଲତରେ ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି।

ଉକ୍ତ କର୍ମଚାରୀ ୧୯୯୩ ପୂର୍ବରୁ ଓଜେଏସ୍ ଭାବେ ଚାକିରି କରିଥିଲେ ହେଁ ୧୦ବର୍ଷ ହୋଇ ନ ଥିବା ଆଳ ଦେଖାଇ ସ୍ଥାୟୀ କରାଯାଉନାହିଁ । ସେପଟେ ଅସ୍ଥାୟୀ ଭାବେ ୨୦୨୨ ମସିହା ପର୍ଯ୍ୟନ୍ତ ଦୈନିକ ୩୫୧ଟଙ୍କା ମଜୁରିରେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ୨୦୨୨ପରଠାରୁ ସେମାନଙ୍କୁ ୨୫ ମାସ ଧରି ସରକାର ମାଗଣାରେ ଖଟାଇ ଚାଲିଥିଲେ ହେଁ ଦରମା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏଭଳି ଦରମାକୁ ଚାହିଁ ଔପଦା ଓ ବସ୍ତା ବ୍ଲକରେ କାର୍ଯ୍ୟରତ ୨ କର୍ମଚାରୀ ଆଖି ବୁଜି ସାରିଥିବା ବେଳେ ସରକାରଙ୍କ ନିଦ ଭାଙ୍ଗୁ ନ ଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟ ଜିଲାରେ ଏହି ବର୍ଗର କର୍ମଚାରୀଙ୍କୁ ଦରମା ମିଳୁଥିବା ବେଳେ ବାଲେଶ୍ୱର ଜିଲାରେ କାର୍ଯ୍ୟରତ ଏହି କର୍ମଚାରୀଙ୍କୁ ବର୍ଷ ବର୍ଷ ଧରି ବଞ୍ଚିତ କରି ରଖାଯିବା ବିଡମ୍ବନା ବୋଲି ଖଇରା ବ୍ଲକରେ କାର୍ଯ୍ୟ କରୁଥିବା କର୍ମଚାରୀ କୁଞ୍ଜବିହାରୀ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ସରୋଜ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ଉକ୍ତ କର୍ମଚାରୀମାନଙ୍କ ପାଇଁ ଆଲଟମେଣ୍ଟ ଆସୁ ନ ଥିବାରୁ ଦରମା ମିଳୁ ନ ଥିବା କହିଛନ୍ତି।

## ଖୁଣ୍ଟା ଡିଗ୍ରୀ କଲେଜ ଅଧ୍ୟାପକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର



ଅଧ୍ୟାପକ ତପନ କୁମାର ବାରିକ ଭୁବନେଶ୍ୱର ଜୟଦେବ ଭବନରେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୁଣ୍ଟା(ଦେବରଞ୍ଜନ ବେହେରା)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଣ୍ଡୁଆଳ), ୨୫।୧୧

ଭୁବନେଶ୍ୱର ଜୟଦେବ ଭବନରେ ରାଜ୍ୟର ଉଚ୍ଚଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତପନ କୁମାର ବାରିକଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଚାରାରୋପଣ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ସମ୍ମାନ ମିଳିଛି। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଭାଗର ମୁଖ୍ୟ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଶାସନ ସଚିବ ରମାକାନ୍ତ ନାୟକ, ମୋ କଲେଜ ଅଭିଯାନର ଚେୟାରମ୍ୟାନ ଆକାଶ ଦାସ ନାୟକ, ରାଜ୍ୟ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ଏବଂ ବିଭିନ୍ନ ଜିଲାରୁ ଆସିଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଅଧ୍ୟାପକ ବାରିକ ପୂର୍ବରୁ ପ୍ରକୃତିବନ୍ଧୁ ପୁରସ୍କାର, ବିଶ୍ୱବିଦ୍ୟାଳୟ ସ୍ତରୀୟ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ପୁରସ୍କାର ମଧ୍ୟ ପାଇଛନ୍ତି। ଏହି ସଫଳତାର ଶ୍ରେୟ ନିମନ୍ତେ ସେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ନିଷ୍ଠ କଲେଜ ଛାତ୍ରୀଛାତ୍ର


ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ନିଷ୍ଠ କଲେଜ ଛାତ୍ରୀଛାତ୍ର ଭାଗ ନେଇଛନ୍ତି।

ବାଲେଶ୍ୱର, ୨୫।୧୧(ମାନସ ବିଶ୍ୱାଳ)

ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଯୁବ ଉତ୍ସବରେ ବାଲେଶ୍ୱର ଜିଲାରୁ ନିଷ୍ଠ କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେବାର ସୁଯୋଗ ପାଇଛନ୍ତି। ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିନ୍ଦୁସ୍ମିତା ନାୟକ ଓ ଦ୍ୱିତୀୟ ସ୍ଥାନରେ ପ୍ରିୟଙ୍କା ବେହେରା, ମୋବାଇଲ ଫଟୋଗ୍ରାଫିରେ ପ୍ରଥମ ହୋଇଥିବା ଅମର କୁମାର ସାହୁ ଓ ଦ୍ୱିତୀୟ ହୋଇଥିବା ସତ୍ୟଜିତ୍ ସାହୁ, ପଏମ୍‌ରେ ପ୍ରଥମ ହୋଇଥିବା ଦେବସ୍ମିତା ଦାଶ ଓ ଦ୍ୱିତୀୟ ହୋଇଥିବା ପ୍ରାଚୀ ପରମିତା ଦାଶ, ଡିକ୍ଲାମେସନ୍‌ରେ ପ୍ରଥମ ହୋଇଥିବା ସତ୍ୟଜିତ୍ ନାୟକ ଏବଂ କଲଚରାଲରେ ଅନନ୍ୟା ଦାସ, ଆଦ୍ୟାଶ୍ରୀ ବେହେରା, ପ୍ରତିଭା ମରୀ ବିଶ୍ୱାଳ, ରୂପାଲି ପ୍ରିୟଦର୍ଶନୀ ମହାନ୍ତି, ନମ୍ରତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପଣ୍ଡା ମନୋନୀତ ହୋଇ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେଇଛନ୍ତି। ଏଥିପାଇଁ ଅନୁଷ୍ଠାନର ଚେୟାରମ୍ୟାନ, ନିର୍ଦ୍ଦେଶକ, ଅଧକ୍ଷ, କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସାରସ୍ୱତ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁ ନଗର,୨୫।୧୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ୨ ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ାକୁ କଲେଜର ଅଧକ୍ଷ ଡ. ସୁବଳ ଦାସ ଉଦ୍‌ଘାଟନ କରିଥିଲେ। ସମନ୍ୱିତ ଯୁବ ବିକାଶର ନୋଡ଼ାଲ ଅଫିସର ପ୍ରଭାତ ସେନାପତିଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ନରତ୍ତୋମ ଦାସ ଖେଳ ପରିଚାଳନା କରିଥିଲେ। ଦୌଡ଼, ସଟ୍‌ପୁଟ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ମ୍ୟୁଜିକ ଚେୟାର ପ୍ରଭୃତି ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ବିଭାଗର ଓଡ଼ିଆ ଅନର୍ସର ଛାତ୍ର ସିଦ୍ଧାର୍ଥ ସିଂ ଏବଂ ବାଳିକା ବିଦ୍ୟାଳୟର ଇତିହାସ ବିଭାଗର ଅନର୍ସ ଛାତ୍ରୀ ଛବିରାଣୀ ମାଝୀ ଚାମ୍ପିୟନ ହୋଇଛନ୍ତି। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନମୋହନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ପ୍ରଦୀପ ପଣ୍ଡା, ଅଶ୍ୱିନୀ ପ୍ରଧାନ, ଅବନୀ ମହାନ୍ତି, ବିଶ୍ୱନାଥ ବେହେରା, ଛତିଶ ଦାସ, ଗୋପିନାଥ ପଣ୍ଡା, ବିବେକାନନ୍ଦ ଗିରି, ଅକ୍ଷୟ ଦାସ, ନିହାର ରଞ୍ଜନ ବଳିଆରସିଂହ, ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ, ନମିତା ପ୍ରଧାନ, ରଶ୍ମିତା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦରମାରୁ ଭତ୍ତା ବାଣ୍ଟିଲେ ବିଧାୟକ


ଭତ୍ତା ପାଇଥିବା ବୃଦ୍ଧାବୃଦ୍ଧଙ୍କ ସହ ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ।

ଭଦ୍ରକ,୨୫।୧୧(ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ତାଙ୍କ ନିଜ ଦରମା ଟଙ୍କାରୁ ବନ୍ତ ବ୍ଲକ ଅଧୀନ ବନ୍ତ ପଞ୍ଚାୟତର ୨୦ଜଣ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଭତ୍ତା ପାଇଁ ଆବେଦନ କରି ପାଇ ନ ଥିବା ବୃଦ୍ଧାବୃଦ୍ଧଙ୍କୁ ଏହି ଭତ୍ତା ଟଙ୍କା ବାଣ୍ଟିଥିଲେ। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ବନ୍ତ ବିଡିଓ ପ୍ରଦୀପ୍ତ କୁମାର ସେଠୀ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସମିତିସଭ୍ୟ ପରମେଶ୍ୱର ବାରିକଙ୍କ ସହ ପଞ୍ଚାୟତର ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଜ୍ୟୋତିପୁର ବିଦ୍ୟାଳୟର ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ


ଜଣେ ଛାତ୍ରୀ ଫୁଲତୋଡ଼ା ଦେଇ ଅତିଥିଙ୍କୁ ସ୍ୱାଗତ କରୁଛନ୍ତି।

ଚମ୍ପୁଆ,୨୫।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଜ୍ୟୋତିପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ, ଗଣିତ, କଳା, ସାହିତ୍ୟ, ପରିବେଶ ସଂସ୍କୃତି ଆଧାରିତ କାର୍ଯ୍ୟକ୍ରମରେ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ସ୍ଥାନୀୟ ସରପଞ୍ଚ ସ୍ନେହଲତା ନାଏକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନରେ ୫୫ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ସାହିତ୍ୟ, ଗଣିତ, କଳା ଓ ପରିବେଶ ସଂସ୍କୃତିରେ ୫୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳାମ୍ବର ମହାନ୍ତ, ଫୁଲକଅଁଳେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତ, ରାଜସ୍ୱ ନିରୀକ୍ଷକ ରତିରମଣ ମହାନ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରକଳ୍ପ ପରିଦର୍ଶନ କରିବା ସହିତ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁବାଳା ଦାସ, ପ୍ରମିତା ବେହେରା, ଗାୟତ୍ରୀ ଦାସ, ଶିକ୍ଷକ ଭରତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ

ଧାମନଗର, ୨୫।୧୧ (ସନ୍ତୋଷ କୁମାର ମହାପାତ୍ର )

ଭଦ୍ରକ ଜିଲା ଧାମନଗର ଏନ୍‌ଏସିସ୍ଥିତ ଡ. ଏପିଜେ ଅବଦୁଲ କଲାମ ସ୍ମୃତି ପାଠାଗାରରେ ଧାମନଗର ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବୈକୁଣ୍ଠ ନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା, ରମେଶ ଚନ୍ଦ୍ର ବେହେରା, ବିବେକ ସାମଲ, ଅନନ୍ତ ଜେନା, ଅନୀଲ କୁମାର ବାରିକ, ରସାନନ୍ଦ ମହାପାତ୍ର, ବାସୁଦେବ ତ୍ରିପାଠୀ, କୈଳାସ ଚନ୍ଦ୍ର ଗୁପ୍ତା, ଦୀନବନ୍ଧୁ ଦାଶ, କିଶାନ ରାଉତ, ପ୍ରମୋଦ କୁମାର ସ୍ୱାଇଁ, ସେକ ଜାଫର ଅଲ୍ଲୀ, ସନ୍ତୋଷ କୁମାର ମହାପାତ୍ର, କୁଳମଣି ବେହେରା, ସୁଧାକର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବର ଏକତା ବଜାୟ ରଖିବା, ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ବାର୍ଷିକ ଉତ୍ସବ ପାଳନ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

### ଭାଗବତ କଥାମୃତ ପ୍ରବଚନ ସଭା

## ଭାବ, ଭକ୍ତି ହିଁ ଆଧାତ୍ମିକ ଶକ୍ତି


ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ସାଧୁ।

ରୂପସା, ୨୫।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ନୀଳବାଡ଼ି ଗ୍ରାମରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ୧୪ତମ ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପିତ ହୋଇଛି। ସତ୍‌ସଂଗ କମିଟି ଆନୁକୂଲ୍ୟରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମକୁ ସାଧୁ ଶ୍ରୀ ନୟନାନନ୍ଦ ସରସ୍ୱତୀ ବାବାଜୀ ମହାରାଜ ଉଦ୍‌ଘାଟନ କରି ସତ୍‌ସଙ୍ଗ ଓ ସାଧୁସଂଘ ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି କହିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କୁରୁଠିଆ କୃଷ୍ଣ କୃପା ଆଶ୍ରମର ସାଧୁ ଶ୍ରୀ ରାଇଚରଣ ଦାସ ବାବାଜୀ ମହାରାଜ ଓ ଶ୍ରୀ ରାମକୃଷ୍ଣ ଦାସ ବାବାଜୀ ମହାରାଜ ଯୋଗଦେଇ ଭାବ, ଭକ୍ତି ହିଁ ଶ୍ରେଷ୍ଠ ଆଧାତ୍ମିକ ଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରଫେସର ଗୋପାଳ ଚନ୍ଦ୍ର ଦାସ ଏବଂ ସଂସ୍କୃତ ଅଧ୍ୟାପକ ଅଶୋକ କୁମାର ରଥ ଶର୍ମା ଯୋଗଦେଇ ଭାଗବତ କଥାମୃତ ପ୍ରବଚନ ଦେଇଥିଲେ। କଣ୍ଠଶିଳ୍ପୀ ପ୍ରଶାନ୍ତ, ନିତ୍ୟଗୋପାଳ, ପଙ୍କଜ କୁମାର ଓ ଦୀପ୍ତରାଗଙ୍କ ଦ୍ୱାରା ପ୍ରତି ସନ୍ଧ୍ୟାରେ ଭଜନ ପରିବେଷଣ ହୋଇଥିଲା। କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ମହେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ହରିଶଙ୍କର ଦାସ, ମଧୁସୂଦନ ଦାସ, ଝାଡ଼େଶ୍ୱର ଦେ, ସପନ ଦାସ, ସନାତନ ଦାସଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

## ଟୋଲ୍ ପ୍ଲାଜା ରାସ୍ତାରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍

### ବୃଦ୍ଧି ପାଉଛି ଅସାମାଜିକ କାର୍ଯ୍ୟ

ଯୋଡ଼ା,୨୫।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାକୁ ସଂଯୋଗ କରୁଥିବା ୫୨୦ ନଂ. ଜାତୀୟ ରାଜପଥର କଣ୍ଡରା ଟୋଲ୍ ପ୍ଲାଜାରେ ଦୁଇ ମାସରୁ ଊର୍ଦ୍ଧ୍ୱ ଦିନ ହେବ ରାତିରେ ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ। ଫଳରେ ରାତିରେ ଅନ୍ଧାରର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ଟୋଲ୍ ପ୍ଲାଜା ନିକଟରେ ରାତିରେ ମାଲ ବୋଝେଇ ଟ୍ରକ୍ ଡ୍ରାଇଭରମାନେ ଗାଡ଼ି ରଖି ବିଶ୍ରାମ ନେଇଥାନ୍ତି। ସେଠାରେ କିଛି ଦୋକାନ ମଧ୍ୟ ରହିଛି। ରାତିରେ ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବାରୁ ଅସାମାଜିକ ଲୋକେ ବିଭିନ୍ନ ସମୟରେ ଟ୍ରକ୍ ଡ୍ରାଇଭରମାନଙ୍କୁ ଭୟଭିତ କରାଇ ଗାଡ଼ିରୁ ବ୍ୟାଟେରୀ, ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରିନେଉଛନ୍ତି। ଏଥି ସହିତ ମାରଣାସ୍ତ୍ର ଦେଖାଇ ଦୋକାନ ଗୁଡ଼ିକରୁ ମଧ୍ୟ ବଟି ଆଦାୟ କରୁଛନ୍ତି। ନିକଟରେ ଜନବସତି ଥିବାରୁ ରାତି ସମୟରେ ଲୋକେ ଯାଆସ ସମୟରେ ନିରାପଦ ମଣୁ ନାହାନ୍ତି । ଟୋଲ ପ୍ଲାଜାରୁ ୫୦୦ ମିଟରରେ ନିୟମିତ ଷ୍ଟ୍ରିଟ ଲାଇଟ ଜଳାଇବା ନିୟମ ରହିଥିଲେ ହେଁ ଏ ଦିଗରେ ଟୋଲ ପ୍ଲାଜା କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ସେହିପରି ଟୋଲ୍ ପ୍ଲାଜାରେ ଟୋଲ ଫି ଆଦାୟ ସମୟରେ ବହୁ ବିଳମ୍ବ ହେଉଥିବାରୁ ଦିନ ଓ ରାତିରେ ଶହ ଶହ ଯାନ ବାହାନ ଲମ୍ବା ଧାଡ଼ିରେ ଅଟକି ରହୁଥିବା ଦେଖିବାକୁ ମିଳୁଛି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ଶୁଣୁ ନ ଥିବା ଅଭିଯୋଗ ହୋଇଛି।



## 'ଜନଜୀବନର ରୂପରେଖରେ ପରିବର୍ତ୍ତନ ଆଣିଛି ବିଜ୍ଞାନ'

### ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୦୮ ପ୍ରକଳ୍ପ

ତିହିଡ଼ି,୨୫।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତ ନାୟକାଣୀ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୦୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଜନଜୀବନର ରୂପରେଖରେ ବିଜ୍ଞାନ ପରିବର୍ତ୍ତନ ଆଣିଛି ବୋଲି କହିଥିଲେ। ମୁଖ୍ୟବକ୍ତା ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ପୂର୍ବତନ ବିଇଓ ଗୟାଧର ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ମନୋରଞ୍ଜନ



ସଭାରେ ଉପସ୍ଥିତ ଅତିଥିମାନେ।

ନାୟକ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ଏବିଇଓ ଦାମୋଦର ଜେନା, ବ୍ଲକ ସମ୍ପାଦକ ରମାକାନ୍ତ ଦାସ, ଓଷ୍ଟାର ବ୍ଲକ ସମ୍ପାଦକ ବିଶ୍ୱନାଥ ପଣ୍ଡା, ବ୍ଲକ ଏନ୍‌ପିଏସ୍ ସମ୍ପାଦକ ପ୍ରଭାସ କୁମାର ପଣ୍ଡା ଓ ବଂଶୀଧର ଦାସ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ମନ୍ମଥ ଦାସ ସଞ୍ଚାଳନ କରିଥିଲେ।

ଶିକ୍ଷକ ସନ୍ତୋଷ ପାଣିଗ୍ରାହୀ ଓ ସରୋଜ କୁମାର ଓଝାଙ୍କ ସଞ୍ଚାଳନରେ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ତିହିଡ଼ି ସିଆର୍‌ଏସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ସରପଞ୍ଚ ସୁବାସିନୀ ଜେନା, ସମିତିସଭ୍ୟ ଜୟପ୍ରକାଶ ମଲ୍ଲିକ, ପୂର୍ବତନ ସରପଞ୍ଚ ଶଶଧର ସାମଲ, ଗୋଲକ ଚନ୍ଦ୍ର ସାମଲ, ବ୍ଲକ ଏୟୁପିଟିଏଫ୍ ସଂଘ ସଭାପତି ମାୟାଧର ସାହୁ, ବ୍ଲକ ଏନ୍‌ପିଏସ୍ ସଂଘ ସଭାପତି ଶ୍ରୀନାଥ ମଲିକ, ପରମେଶ୍ୱର ମଲିକ, ପ୍ରେମାନନ୍ଦ ପତି, ପ୍ରଶାନ୍ତ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ୬ଟି ଶ୍ରେଷ୍ଠ ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଛି। ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ରତ୍ନାକର ସାହୁ, ବିଜ୍ଞାନ ସଂଯୋଜକ ସରୋଜ ଦାସ, ଲକ୍ଷ୍ମୀଧର ପତି, ଗିରିଧାରୀ ଚାନ୍ଦ, ଅଜୟ ନାୟକ, ସଞ୍ଜୟ ମହାଳିକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଗର୍ଭବତୀଙ୍କ ଆତ୍ମହତ୍ୟା

ଖଇରା,(ଉତ୍କଳବନ୍ଧୁ ପଣ୍ଡା)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରତାଙ୍ଗ ଗ୍ରାମର ଶଶିକାନ୍ତ ଦାସଙ୍କ ସ୍ତ୍ରୀ ପ୍ରିୟଙ୍କା ଶନିବାର ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ଖଇରା ପୋଲିସ ପ୍ରାଥମିକ ତଦନ୍ତ ପରେ ସ୍ୱାମୀ ଶଶିକାନ୍ତଙ୍କୁ ଥାନାରେ ଅଟକ ରଖିଛି। ପ୍ରିୟଙ୍କା ବିହାର ରାଜ୍ୟର ହୋଇଥିବା ବେଳେ ସେ ପରିବାର ସହ ବାଙ୍ଗାଲୋରରେ ରହୁଥିଲେ। ସେଠାରେ ଶଶିକାନ୍ତ ତାଙ୍କୁ ଭଲ ପାଇ ୫ମାସ ତଳେ ବିବାହ କରି ଘରକୁ ଆଣିଥିଲେ। ସେ ଏବେ ଗର୍ଭବତୀ ଥିଲେ। ହେଲେ ସେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳଯାଇଛି।

**ସଂକ୍ଷେପରେ**

## ମହିଳାଙ୍କ ଆତ୍ମହତ୍ୟା

ବାଲିଆପାଳ, ୨୫।୧୧(ଗୋପାଳ ଚନ୍ଦ୍ର ସାହୁ)-ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଜାମକୁଣ୍ଡା ପଞ୍ଚାୟତ କାଳରୁଇ ଗ୍ରାମର ଅନୀଲ କୁମାର ଘଡ଼ାଇଙ୍କ ସ୍ତ୍ରୀ ରିତୁ ପ୍ରାମାଣିକ ଶନିବାର ସକାଳେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ରିତୁ ପ୍ରତିଦିନ ପରି ଶନିବାର ଭୋରରୁ ଘରର ବାସି କାମ ସାରି ସ୍ୱାମୀଙ୍କୁ କାମ କରିବାକୁ ପଠାଇ ଦେଇ ନିଜ ଶୋଇବା ଘର କବାଟ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ସାନପୁଅ କାମକୁ ଯିବା ପାଇଁ ବାହାରୁଥିବା ଦେଖି ଶାଶୁ ବୋହୂକୁ କବାଟ ବାଡ଼େଇ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଦିଅର ଅନ୍ୟ ଘର ଭିତର ଦେଇ ସେ ଘର ଭିତକୁ ପଶି କବାଟ ଖୋଲି ଦେଖିଲା ବେଳକୁ ରିତୁ ଫାଶୀ ଦେଇ ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ରିତୁଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଆପାଳ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୬/ ୨୦୨୩) ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଇଛି।

## କଂଗ୍ରେସର ତୁଳସୀ ସଂଗ୍ରହ ପଦଯାତ୍ରା

ତିହିଡ଼ି,୨୫।୧୧(ସଞ୍ଜିତ ବଳ)-ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ଭାଟପଡ଼ା ପଞ୍ଚାୟତରେ କଂଗ୍ରେସର ତୁଳସୀ ସଂଗ୍ରହ ପଦଯାତ୍ରା କରାଯାଇଛି। ତିହିଡ଼ି କାଳୀପଡ଼ିଆସ୍ଥିତ ବାସନ୍ତୀ ମନ୍ଦିରରୁ ପଦଯାତ୍ରା ବାହାରି ପାଟଣାସାହି, ଶଙ୍ଖିଡା, ଭାଟପଡ଼ା, ମିର୍ଜାପୁର, ମଙ୍ଗରାଜପୁର, ହରିପୁର ଆଦି ଗ୍ରାମ ପରିକ୍ରମା କରିଥିଲା। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ଚାନ୍ଦବାଲିର ଯୁବନେତା ସତ୍ୟାନନ୍ଦ ରାଉତ, ବ୍ଲକ ସଭାପତି ସରୋଜ କୁମାର ଦାସ, ଯୁବ ସଂଯୋଜକ ବିପିନ ବିହାରୀ ପତି, ପୀତାମ୍ବର ସେଠୀ, ଗଗନ ବିହାରୀ ମହାନ୍ତି, ସୌମ୍ୟଗୋପାଳ ନାୟକ, ସୁରେଶ ମହାପାତ୍ର, ଦିବ୍ୟସିଂ ବଳ, ଗଣେଶ ମଲିକ, ଶିବପ୍ରସାଦ ନାୟକ, କୈଳାସ ପାତ୍ର, ମାଧବାନନ୍ଦ ନାୟକ, ସୁଦର୍ଶନ ସ୍ୱାଇଁ, ପ୍ରତାପ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ସୋମ୍ୟ ପ୍ରକାଶ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ସିଦ୍ଧି ଦିବସ

ତେଲକୋଇ,୨୫।୧୧(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ପ୍ରାଙ୍ଗଣରେ ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସମବେତ ଧ୍ୟାନ କରାଯାଇ ଅନୁଷ୍ଠାନର ସଭାପତି ନାରାୟଣ ପ୍ରଧାନଙ୍କ ଦ୍ୱାରା ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମାଧି ସ୍ଥଳରେ ପୁଷ୍ପ ଅର୍ପଣ ପୂର୍ବକ ଧୂପ ଲଗାଇ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସିଦ୍ଧି ଦିବସ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷ ବନ୍ଦିତା ମହାନ୍ତି ଶ୍ରୀଅରବିନ୍ଦଙ୍କ ବିଷୟରେ ଅନେକ ଉପାଦେୟ କଥା ପିଲାମାନଙ୍କୁ କହିଥିଲେ। ଶେଷରେ ପ୍ରସାଦ ସେବନ କରାଯାଇଥିଲା।

### ବ୍ଲକ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା ଘଟଣା

# ୨ ଭାଜପା କର୍ମୀ ଗିରଫ

ଚାନ୍ଦବାଲି, ୨୫।୧୧(କିଷାନ ପାତ୍ର/ଅଶୋକ କୁମାର ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲିରେ ଭାଜପାର ଘେରାଉ ବେଳେ ବ୍ଲକ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା ଘଟଣାରେ ପୋଲିସ ୨ଜଣ କର୍ମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତୁକୁଡ଼ା ପଞ୍ଚାୟତ ବୁରୁଜାଲ ଗ୍ରାମର ଆଶୁତୋଷ ବେହେରା (୨୨) ଓ ସିଙ୍ଗିଟି ଗ୍ରାମର ନକୁଳ ନାୟକ(୪୯)। ପୋଲିସ ବ୍ଲକ ଅଫିସ୍ ସିସିଟିଭି ଫୁଟେଜରୁ ଚିହ୍ନଟ କରି ଶୁକ୍ରବାର ରାତିରେ ଆଶୁତୋଷ ଓ ନକୁଳଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ଚାନ୍ଦବାଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ।

ସୂଚନାଯୋଗ୍ୟ, ଶୁକ୍ରବାର ଭାଜପା ପକ୍ଷରୁ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେହି ସମୟରେ କେତେକ ଲୋକ ଅଫିସ୍ ଫାଟକ ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। କେତେକ ଲୋକ ଭିତରକୁ ପଶିଯାଇ କାର୍ଯ୍ୟାଳୟର କାଚ, ସିସିକ୍ୟାମେରା, ଚେୟାର ଓ ଫୁଲକୁଣ୍ଡ ଭାଙ୍ଗି ଦେଇଥିଲେ। ଏପରିକି ସେମାନଙ୍କ ଢେଲାମାଡ଼ରେ ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପଙ୍କ ମୁଣ୍ଡ ଫାଟିଥିବା ବେଳେ ଚାନ୍ଦବାଲି ଥାନା ଆଇଆଇସି ପଞ୍ଚାନନ ମହାନ୍ତି ମଧ୍ୟ ଆହତ ହୋଇଥିଲେ। ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ଏତଲାକ୍ରମେ ଚାନ୍ଦବାଲି ଥାନାରେ ମାମଲା (ନଂ. ୩୬୮/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଚାନ୍ଦବାଲି ଥାନାଧିକାରୀ ମହାନ୍ତି ତଦନ୍ତ ଚାଲିଛି ଓ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ବିରୋଧ କରି ଚାନ୍ଦବାଲି ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ଭୋଟର ତାଲିକା ସଂଶୋଧନ ବୁଥ୍ ବୁଲି ତଦାରଖ କଲେ ଜିଲାପାଳ



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବୁଥ୍ ପରିଦର୍ଶନ କରୁଛନ୍ତି।

ଧାମନଗର,୨୫।୧୧(ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶନିବାର ଧାମନଗର ବ୍ଲକର ବିଭିନ୍ନ ଭୋଟର ତାଲିକା ସଂଶୋଧନ ବୁଥ୍ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଶେଷଥର ପାଇଁ ଭୋଟର ତାଲିକା ସଂଶୋଧନ କର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୋଟର ତାଲିକାରେ ନିଜର ନାମ ଯାଞ୍ଚ, ସଂଶୋଧନ, ବାଦ୍ ଲାଗି ଆବେଦନ ପାଇଁ ସ୍ୱତନ୍ତ୍ର ଅଭିଯାନ ଦିବସ ୫, ୧୧, ୧୯ ଓ ୨୫ ତାରିଖରେ ବିଭିନ୍ନ ବୁଥ୍‌ରେ ମାଧ୍ୟମରେ ଭୋଟର ତାଲିକା ସଂଶୋଧନ କରାଯାଉଛି। ଜିଲାପାଳ ଦୋବଲ, ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ବୁଥ୍‌କୁ ଯାଇ ଭୋଟର ଯାଞ୍ଚ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସହ ବିଡିଓ ବନବିହାରୀ ଦିଣ୍ଡା ଓ ଏବିଡିଓ ଶର୍ମିଷ୍ଠା ମଲିକ ଉପସ୍ଥିତ ଥିଲେ।

## ଐତିହ୍ୟ ଦିବସ ପାଳନ ସପ୍ତାହ ଉଦ୍‌ଯାପିତ




ଐତିହ୍ୟ ଦିବସ ପାଳନ ସପ୍ତାହ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର, ୨୫।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଗତ ୧୯ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହବ୍ୟାପୀ ବିଶ୍ୱ ଐତିହ୍ୟ ଦିବସ ପାଳନ ଶନିବାର ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱ ଓ ପିଜି କାଉନସିଲର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ତଥା ପ୍ରଫେସର ସୁର୍ଯେନ୍ଦୁ ଦେଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରାଯାଇଥିଲା। ଐତିହ୍ୟ ସୁରକ୍ଷାର ଏହି ସଚେତନତା କେବଳ ସାମୟିକ କାର୍ଯ୍ୟକ୍ରମରେ ସୀମିତ ନ ରହି ଦୀର୍ଘଦିନ ଓ ସାମୂହିକ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ଉମାକାନ୍ତ ମିଶ୍ର ଯୋଗଦେଇ ଐତିହ୍ୟ କେବଳ କଳା ସଂସ୍କୃତି-ଭାସ୍କର୍ଯ୍ୟ, ପୁରୁଣା ସ୍ମାରକୀ, ଐତିହାସିକ ନିର୍ମାଣ ଆଦିର ସୁରକ୍ଷାକୁ ବୁଝାଏ ନାହିଁ ବରଂ ଆମ ସମାଜରେ ବସବାସ ଜନଜାତିଙ୍କ ଖାଦ୍ୟପେୟ, ଚଳଣି, ପ୍ରଥା ଓ ପରମ୍ପରା ତଥା ଜୀବନଶୈଳୀର ସୁରକ୍ଷାକୁ ମଧ୍ୟ ବୁଝାଏ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ପରିଷଦ ସମ୍ମୁଖରେ ଐତିହ୍ୟ ସୁରକ୍ଷା ସଚେତନତାର ବାର୍ତ୍ତାବହ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହଯୋଗ ଓ ମାର୍ଗଦର୍ଶନରେ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିଛି। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁମନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ଡ. ଶିଖାଶ୍ରୀ ରାଓ ପରିଚାଳନା କରିଥିଲେ। ଡ. ସୌମୀ ସେନଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦେଶ୍ୱର ମନ୍ଦିରରେ ହବିଷ ବ୍ରତ

ପାଟଣା,୨୫।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ଓ ଶ୍ରୀ ରାମ ମନ୍ଦିର ବେଢ଼ାରେ ଥିବା ତୁଳସୀ ଚଉଁରା ସ୍ଥାନୀୟ ଅଞ୍ଚଳର ମହିଳାମାନେ ଶୁକ୍ରବାର ହବିଷବ୍ରତ ପାଳନ କରିଛନ୍ତି। ଦୁର୍ଗାଦେଇପୁର, ଶିବନାରାୟଣପୁର ଓ କାମେଶ୍ୱରପୁର ଶାସନର ହବିଶିଆଳୀମାନେ ମନ୍ଦିର ବେଢ଼ାରେ ଥିବା ତୁଳସୀ ଚଉଁରା ମୂଳରେ ମୁରୁଜରେ ଦେବଦେବୀ ପ୍ରତିମୂର୍ତ୍ତି ଆଙ୍କି ରାଇ ଦାମୋଦର ଫଟୋଚିତ୍ର ରଖି ପୂଜା କରିଥିଲେ। ହବିଶିଆଳୀ ପାର୍ବତୀ ପତି, ସୁମିତ୍ରା ମିଶ୍ର, ପଙ୍କଜିନି ବେହେରା, ଲକ୍ଷ୍ମୀ ପତି, ସାବିତ୍ରୀ ବେହେରାଙ୍କ ତତ୍ତ୍ୱାବଧାନରେ ହବିଷ ବ୍ରତ ଅନୁଷ୍ଠିତ ହେଉଛି।

## ପ୍ରତିଶ୍ରୁତି ପରେ ଗଣଧାରଣା ପ୍ରତ୍ୟାହୃତ

ବାସୁଦେବପୁର, ୨୫।୧୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ବିଭିନ୍ନ ସମସ୍ୟା ସହ ପ୍ରାଥମିକ ଚିକିତ୍ସାଳୟ ସ୍ଥାପନ ଦାବିରେ ଦଧିବାମନପୁର ଚିକିତ୍ସାଳୟ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଗତ ୨୨ ତାରିଖରୁ ଗଣଧାରଣା ଚାଲିଥିଲା। ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଶୁକ୍ରବାର ଅପରାହ୍ନରେ ଗଣଧାରଣା ପ୍ରତ୍ୟାହୃତ ହୋଇଛି। ଜଗନ୍ନାଥପ୍ରସାଦ ପଞ୍ଚାୟତ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ରାସ୍ତାଘାଟର ସମସ୍ୟା ଯୋଗୁ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇପଡ଼ିଛି। ଦଧିବାମନପୁରଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଦୀର୍ଘଦିନ ଧରି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିବା ବେଳେ ଏ ଦିଗରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ସହଯୋଗରେ ଗଣଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

## ବାରିପଦାରେ ନିର୍ମାଣ ହେବ ସାମ୍ବାଦିକ ଭବନ

**ଅର୍ଥ ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଖବରଦାତା**

ବାରିପଦା,୨୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ସାମ୍ବାଦିକ ଭବନ ନିର୍ମାଣ ହେବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥରାଶି ମଞ୍ଜୁର କରାଯାଇଛି। ଏଥିପାଇଁ ଜିଲାର ଖବରଦାତାମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ୫-ଟି ସଚିବ ଭି. କେ. ପାଣ୍ଡିୟାନ ଗତ ମାର୍ଚ୍ଚ ୩ରେ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ସେହି ସମୟରେ ବାରିପଦାଠାରେ ଜିଲାର ସାମ୍ବାଦିକମାନଙ୍କ ସହ ଭେଟି ବିଭିନ୍ନ ସୁବିଧା ଯୋଗାଇବା ନେଇ ଆଲୋଚନା କରିଥିଲେ। ରାଧେଶ୍ୟାମ ପ୍ରଧାନ, ସତ୍ୟଜିତ ସୋମ, ସୁକାନ୍ତ କୁମାର ସାହୁ, ମନୋଜ କୁମାର ପଣ୍ଡା, ନୀଳାଦ୍ରି ବିହାରୀ ଦଣ୍ଡପାଟ, ସଞ୍ଜୟ ଚୌଧୁରୀ, ଅଭିଜିତ ମହାନ୍ତି, ଅକ୍ଷୟ ଅଗ୍ରୱାଲ, ପ୍ରୟାଗରାଜ କର, ଦୋଳଗୋବିନ୍ଦ ବାରିକ, ଦୀପକ କୁମାର ନାୟକ, ରୂପମ ସ୍ୱାଇଁ, ବିଶ୍ୱଜିତ ଭୂୟାଁ, ଦେବେନ୍ଦ୍ର ନାଥ ଦାଶ, ହରେକୃଷ୍ଣ ପାତ୍ର, ଲଳିତ କୁମାର ବାରିକ, ଅଭିଶେକ ଖୁଣ୍ଟିଆ, ସୁମିତ କୁମାର ନାୟକ ପ୍ରମୁଖ ଖବରଦାତା ଉପସ୍ଥିତ ରହି ଆଲୋଚନା କରି ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ବାରିପଦାଠାରେ ସାମ୍ବାଦିକ ଭବନ ନିର୍ମାଣ ଲାଗି ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏଥିପାଇଁ ଜିଲାର ଖବରଦାତାମାନେ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଓ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନିଲେନି ଆଇଜିଆର୍

**କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର,୨୫।୧୧(ଦୀପକ ମିଶ୍ର)

କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ବିଗତ ଦେଢ଼ ବର୍ଷ ହେବ ଲଟକି ରହିଛି। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ନଭେମ୍ବର ୧୫ ସୁଦ୍ଧା ନିର୍ବାଚନ କରିବାକୁ ଆଇଜିଆରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ନିର୍ବାଚନ ନେଇ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ।

ପ୍ରକାଶ ଯେ, ସଂଘର ଉପଦେଷ୍ଟାଙ୍କ ଦ୍ୱାରା ନିର୍ବାଚନ ଇସ୍ତାହାର ବାହାରି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିଲା। ସଂଘର ପୂର୍ବତନ ସମ୍ପାଦକ ନିର୍ବାଚନକୁ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ଫଳରେ ଶେଷ ମୁହୂର୍ତ୍ତରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପ୍ରକ୍ରିୟା ବନ୍ଦ ରହିଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାରେ ୨୦୨୩ ନଭେମ୍ବର ୧୫ ସୁଦ୍ଧା ନିର୍ବାଚନ କରିବାକୁ ଇନ୍ସପେକ୍ଟର ଜେନେରାଲ, ରେଜିଷ୍ଟ୍ରେସନଙ୍କୁ ଲିଖିତ ଭାବେ କହିଥିଲେ। ଏବେ ନଭେମ୍ବର ୧୫ ଯାଇ ୨୫ ହେଲାଣି, ଆଇଜିଆରଙ୍କ ପକ୍ଷରୁ ନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ ହୋଇନି। ବିଭିନ୍ନ ସମୟରେ ପୂର୍ବତନ କର୍ମକର୍ତ୍ତାମାନେ ଆଇଜିଆରଙ୍କ କାର୍ଯ୍ୟାଳୟକୁ ଯାଇ ପଚାରିଲେ ବୁଝାଇ ପଠେଇ ଦିଆଯାଉଥିବା କର୍ମକର୍ତ୍ତାମାନେ କହିଛନ୍ତି। ଅନ୍ୟପକ୍ଷେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ସରକାର ସୁପ୍ରିମକୋର୍ଟରେ ଅପିଲ କରିବେ। ଯାହା ଦ୍ୱାରା ନିକଟ ଭବିଷ୍ୟତରେ ନିର୍ବାଚନ ହେବାର ସମ୍ଭାବନା ଦେଖାଯାଉନାହିଁ। ଏଭଳି ପରିସ୍ଥିତି ଲାଗି ରହେ ଭବିଷ୍ୟତରେ ସଂଘ ଭାଙ୍ଗି ଯିବା ସମ୍ଭାବନା ରହିଛି। ପଞ୍ଜୀକୃତ ସଦସ୍ୟମାନଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଚାଲିଯିବ ବୋଲି ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ ଓ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଅୟସକାନ୍ତ ପଟ୍ଟନାୟକ କହିଛନ୍ତି।

## ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ

ଖୁଣ୍ଟା,୨୫।୧୧(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ନନ୍ଦକିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବରେ ଖୁଣ୍ଟା ବିଡିଓ ଗୌରାଙ୍ଗ ଚରଣ ଘୋଷ, ପ୍ରଶାସନିକ ଅଧିକାରୀ ସଞ୍ଜୁଲତା ମହାନ୍ତି, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା ଅଧ୍ୟାପକ ଅଜିତ ନାଏକ, ଅଧ୍ୟାପକ ଦୀପଙ୍କର ବେହେରା ପ୍ରମୁଖ ଯୋଗଦେଇ ଆଜିର ଯୁବପିଢି ଶିକ୍ଷାଗ୍ରହଣ ସହିତ ସମାଜବିକାଶ ପ୍ରତି ଆଗ୍ରହ ପ୍ରକାଶ କରି ଏକ ଉନ୍ନତ ସମାଜ ଗଠନକୁ ଦୃଷ୍ଟିରେ ରଖି ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ଢେଙ୍କିକୋଟ,୨୫।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ଏକ ଦିବସୀୟ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମୂଲ୍ୟ ଦତ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଖଇର ନାଏକ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ନାଥ, ସମ୍ମାନୀୟ ଅତିଥିଭାବେ ବିଦ୍ୟାଳୟ କ୍ଲଷ୍ଟର ସିଆରସିସି ସଚ୍ଚିଦାନନ୍ଦ ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଚକ୍ରଧର ରାଉଳ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ସରସ୍ୱତୀ ନାଏକ, ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମୌସୁମୀ ନାୟକ ସଭା ପରିଚାଳନା, ଅତିଥି ପରିଚୟ ପ୍ରଦାନ କରିଥିଲେ। ଜ୍ୟୋତିର୍ମୟୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୪୫ କୁନି କୁନି ବୈଜ୍ଞାନିକ ୪୫ଟି ପ୍ରକଳ୍ପ ନିର୍ମାଣ କରି ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ ନିରୀକ୍ଷକ ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମମତା ସାହୁ, ଦୀପ୍ତିମୟୀ ସେଠୀ ପ୍ରକଳ୍ପ ପରିଦର୍ଶନ କରି ନିରୀକ୍ଷଣ କରିଥିଲେ।



ନିରୀକ୍ଷକ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ନେତୃତ୍ୱ ପରିବର୍ତ୍ତନ ପାଇଁ ଆହ୍ୱାନ

**ଖଇରାରେ ଛାତ୍ର କଂଗ୍ରେସ ସମ୍ମିଳନୀ**

ଖଇରା, ୨୫।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ କଂଗ୍ରେସକୁ ଅଧିକ ସଙ୍ଗଠିତ ଓ ଦୃଢ଼ କରିବା ଲକ୍ଷ୍ୟରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଛନ୍ତି । ପ୍ରଥମେ ପୁରୁଣା କଂଗ୍ରେସକୁ ଏକଜୁଟ ପାଇଁ ପ୍ରୟାସ ଜାରି ରହିଥିବା ବେଳେ ଏବେ ଛାମୁଆ ସଙ୍ଗଠନ ଛାତ୍ର କଂଗ୍ରେସକୁ ମଜଭୂତ କରିବାକୁ ଅଣ୍ଟା ଭିଡିଛନ୍ତି। ଶନିବାର ଖଇରାଠାରେ ଆୟୋଜିତ ଛାତ୍ର କଂଗ୍ରେସ ବୈଠକରେ ବେହେରା ଉଦ୍‌ବୋଧନ ଦେଇ ବର୍ତ୍ତମାନ ଦେଶରେ ଅରାଜକତା ଦେଖାଦେଇଛି। ଏଣୁ କେନ୍ଦ୍ର ଓ ରାଜ୍ୟରେ ସରକାର ପରିବର୍ତ୍ତନ ପାଇଁ ଛାତ୍ରୀଛାତ୍ରମାନଙ୍କର ବଡ ଭୂମିକା ରହିଛି ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ସିମୁଳିଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ଅଭିମନ୍ୟୁ ପରମାଣିକ, ଛାତ୍ର କଂଗ୍ରେସ ସଭାପତି ବୀରେନ୍ଦ୍ର କୁଅଁର, ଉପସଭାପତି ହେମନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଭାରତକୁ ଭାଗ ଭାଗ କରୁଥିବା ମୋଦି ସରକାର ଓ ବେରୋଜଗାରୀ ବଢାଉଥିବା ଓଡିଶାର ତାମିଲ ଶାସିତ ସରକାରକୁ ହଟାଇବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରନେତା ଦୀପ୍ତି ରଞ୍ଜନ ବିଶ୍ୱାଳ, ପାର୍ଥସାରଥି ରାଉତ, ପ୍ରଦୀପ ମହଲା, ମାନସ କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ହରିଶ ଚନ୍ଦ୍ର ମହାନ୍ତି, ଗଣେଶ ଦାସ, ସୋନୁ ବେହେରା ଓ ଅବିନାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କଂଗ୍ରେସ ନେତୃବୃନ୍ଦଙ୍କ ସହ ଛାତ୍ର କଂଗ୍ରେସର ସଦସ୍ୟଗଣ।

# ‘ଛାତ୍ରୀଛାତ୍ର ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବା ଉଚିତ’

**ରାଇସୁଆଁ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ**

କେନ୍ଦୁଝର,୨୫।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେବଳ ଗଣିତ, ଇଂରାଜୀ କିମ୍ବା ମାତୃଭାଷାରେ ପିଲା ଭଲ କରିବେ ତାହା ନୁହେଁ। ଆମ ପିଲା ଭଦ୍ର ମଣିଷ ହେବେ, ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବେ, ଦୟା, କ୍ଷମା, ଧାର୍ମିକ ଭାବନା ତାଙ୍କ ମଧ୍ୟରେ ଜାଗୃତ କରିବା ପାଇଁ ଶନିବାର କେନ୍ଦୁଝର ସଦର ବ୍ଲକ୍ ରାଇସୁଆଁ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣ ଶିକ୍ଷା, ପ୍ରାକୃତିକ ବିପର୍ଯ୍ୟୟ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ।

ଏଥିସହିତ, ଯେଉଁ ଦେଶ ଯେତେ ଶିକ୍ଷିତ ସେହି ଦେଶ ସେତେ ଆଗରେ। ହେଲେ ଭାରତୀୟମାନେ ଅନ୍ୟ ବିକଶିତ ରାଷ୍ଟ୍ର ମାନଙ୍କଠାରୁ କୌଣସି କ୍ଷେତ୍ରରେ କମ ନୁହନ୍ତି। ଭାରତୀୟମାନେ ପ୍ରକୃତିର ଉପାଷକ ଅଟନ୍ତି। ଭାରତ ବର୍ଷରେ ଯେଉଁ ସଂସ୍କୃତି, ପରମ୍ପରା, ସଂସ୍କାର ରହିଛି, ଅନ୍ୟମାନଙ୍କଠାରେ ତାହା ପରିଲିକ୍ଷତ ହୁଏ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯୋଡ଼ା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡା. ମୃଦଳା ମହାନ୍ତି, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ଅନ୍ୟତମ ସମ୍ମାନିତ ଅତିଥିଭାବେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ ଯୋଗଦେଇ ଶିକ୍ଷା ମଣିଷର ଆତ୍ମା ଅଟେ। ସୁସ୍ଥ ସମାଜ ଗଠନରେ ଶିକ୍ଷା ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୌମ୍ୟଶଙ୍କର ଚକ୍ର ଯୋଗଦେଇଥିଲେ। ହୀରକ ଜୟନ୍ତୀ କମିଟି ସଭାପତି ଡା. ଗଙ୍ଗାଧର ହାଁସଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ହୀରକ ଜୟନ୍ତୀ କମିଟି ସମ୍ପାଦକ ବସନ୍ତ ରଥ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନିଳାମ୍ବର ରାଉତ, ମୁରଲୀଧର ରାଉତ, ନିତ୍ୟାନନ୍ଦ ମନ୍ତ୍ରୀ, ରାଧାମୋହନ ରଥ, କୁଶଧର ବେହେରା, ବେଣୁଧର ରାଉତ, ରତ୍ନାକର ମହାପାତ୍ର, ରତ୍ନାକର ମହାନ୍ତ, ମଙ୍ଗୁଲୁ ଚରଣ ମନ୍ତ୍ରୀ, ବିପିନ ବିହାରୀ ମିଶ୍ର, ଗଦାଧର ଉପାଧ୍ୟାୟ ପ୍ରମୁଖଙ୍କୁ ସମ୍ମାନୀତ କରାଯାଥିଲା। ଏହି ବଅସରରେ ହୀରକ ଜୟନ୍ତୀ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



ଅତିଥିମାନେ ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଜଳବାୟୁ ଓ ଯୁବଗୋଷ୍ଠୀ

**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ସାମ୍ପ୍ରତିକ ସମୟର ସର୍ବବୃହତ୍ ଆହ୍ୱାନକାରୀ ବୈଶ୍ୱିକ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ ବିଶ୍ୱତାପନ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ। ଶିଳ୍ପ ବିପ୍ଳବ ପରବର୍ତ୍ତୀ ସମୟରେ ଯେପରି କ୍ଷିପ୍ର ବେଗରେ ଶିଳ୍ପାୟନ ସହିତ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଅସହନୀୟ ମାର୍ଗରେ ସାଧିତ ହେଲା ଏବଂ ଏହି ପ୍ରକ୍ରିୟାରେ ଶକ୍ତିର ବହୁଳ ବିନିଯୋଗ ଘଟିଲା, ତାହା ହିଁ ଆଜି ପରିଦୃଷ୍ଟ ହେଉଥିବା ପ୍ରମୁଖ ପରିବେଶଜନିତ ସମସ୍ୟାଗୁଡ଼ିକର ମୂଳ କାରଣ ହୋଇଛି। ଜୀବନଶୈଳୀରେ ଉନ୍ନତି ସାଧନ ଲକ୍ଷ୍ୟରେ ଅଜ୍ଞତାର ବଶବର୍ତ୍ତୀ ହୋଇ ମାନବଜାତି ଯେପରି ପ୍ରକୃତି ଓ ପରିବେଶ ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର ଏବଂ ବର୍ଦ୍ଧିତ ଚାପ ସୃଷ୍ଟି କରିଚାଲିଛି ଏବଂ ପ୍ରାକୃତିକ ସନ୍ତୁଳନରେ ବ୍ୟାଘାତ ଘଟାଉଛି, ତାହାର ପରିଣାମ ହେଉଛି ଗମ୍ଭୀର ରୂପ ଧାରଣ କରୁଥିବା ଆଜିର ସମସ୍ତ ପରିବେଶ ସମସ୍ୟା। ଏପର୍ଯ୍ୟନ୍ତ ଶକ୍ତି ଉତ୍ପାଦନର ପ୍ରଧାନ ଉତ୍ସ ସାଜିଛି କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ। ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ଉତ୍ତାପ ବ୍ୟବହାର, ଶିଳ୍ପ-କାରଖାନା, ଯାନବାହନ ପରିବହନ ଏବଂ ଅନ୍ୟାନ୍ୟ ପ୍ରକ୍ରିୟାରେ ଜୀବାଶ୍ମ ଇନ୍ଧନ ସବୁର ମାତ୍ରାଧିକ ବ୍ୟବହାରରୁ ନିର୍ଗତ ବିଭିନ୍ନ ପ୍ରଦୂଷକ ପଦାର୍ଥ ପରିବେଶ ଅବକ୍ଷୟର କାରଣ ହେଉଛି। ଅଧିକନ୍ତୁ, ଏଥିରୁ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ (ଗ୍ରୀନ୍‌ହାଉସ ଗ୍ୟାସ) ସବୁର ବାୟୁମଣ୍ଡଳକୁ ଅଧିକ ମାତ୍ରାରେ ନିର୍ଗମନ ତାପମାତ୍ରା ବୃଦ୍ଧିର କାରକ ସାଜିଛି। ଏହା ସହିତ ଜଡ଼ିତ ରହିଛି ବର୍ତ୍ତମାନ କ୍ରମଶଃ ଗମ୍ଭୀର ରୂପ ଧାରଣ କରୁଥିବା ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ଏବଂ ଏହାର ପ୍ରଭାବରେ ସଂଘଟିତ ହେଉଥିବା ବହୁବିଧ ପ୍ରାକୃତିକ ବିପର୍ଯ୍ୟୟ ଘଟଣା। ଏସବୁ ବିପର୍ଯ୍ୟୟର ବାରମ୍ବାରତା ଓ ତୀବ୍ରତା ସମଗ୍ର ବିଶ୍ୱରେ ପ୍ରାକୃତିକ ପରିସଂସ୍ଥାମାନଙ୍କର କ୍ଷତିସାଧନ କରୁଛି ଏବଂ ସେସବୁଥିରେ ବସବାସ କରୁଥିବା ବିବିଧ ଜାତିର ଉଦ୍ଭିଦ ଏବଂ ପ୍ରାଣୀମାନେ ବିପଦଗ୍ରସ୍ତ ହେଉଛନ୍ତି। ପରିଣାମରେ, ମାନବ-ପ୍ରବର୍ତ୍ତିତ ଏସବୁ ଘଟଣାମାନ ପୃଥିବୀ ପୃଷ୍ଠରେ ଜୀବଜଗତର ଭବିଷ୍ୟତ ତିଷ୍ଠି ରହିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଏପରି ବିଶ୍ୱ ଦୃଶ୍ୟପଟ୍ଟରେ ଆଜି ମାନବଜାତି ନିମନ୍ତେ ଆତ୍ମ-ବିଶ୍ଳେଷଣର ସମୟ ଉପନୀତ ହୋଇଛି, ଯେତେବେଳେ ଆମ ମାନସିକତା ଏବଂ ବ୍ୟବହାରରେ ପରିବର୍ତ୍ତନ ଘଟିବା ଯଥେଷ୍ଟ ଅବଶ୍ୟମ୍ଭାବୀ ବୋଧ ହେଉଛି। ପରବର୍ତ୍ତୀ ପିଢ଼ିକୁ କେଉଁ ଗୁଣାତ୍ମକ ମାନର ଧରିତ୍ରୀ ହସ୍ତାନ୍ତର କରିବା ଆମ ପାଇଁ ବିଧେୟ ହେବ, ଏହାକୁ ଗମ୍ଭୀରତାର ସହ ବିଚାର ବିମର୍ଷ କରିବା ଆମ ବିଜ୍ଞତାର ପରିଚାୟକ ହେବ। ଏହି ପରିପ୍ରେକ୍ଷୀରେ, ବିଶ୍ୱ ପରିବେଶରେ ଏକ ସକାରାତ୍ମକ ପରିବର୍ତ୍ତନର ପ୍ରାରମ୍ଭ ଏବଂ ଜଳବାୟୁ ଆହ୍ୱାନକୁ ପ୍ରତିହତ କରିବା କ୍ଷେତ୍ରରେ ଆଜିର ଯୁବଗୋଷ୍ଠୀ ଉଜ୍ଜ୍ୱଳ ସମ୍ଭାବନା ବହନ କରନ୍ତି। ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ ଏବଂ ନିଶ୍ଚିତ କରିବା ନିମନ୍ତେ ସ୍ୱିଡେନର ସକ୍ରିୟ ଯୁବ ପରିବେଶକର୍ମୀ ଏବଂ 'ଭବିଷ୍ୟତ ପାଇଁ ଶୁକ୍ରବାର' ଆନ୍ଦୋଳନର ସୂତ୍ରଧର ଗ୍ରେଟା ଥନ୍‌ବର୍ଗଙ୍କ ପରି ଚିନ୍ତାଧାରାର ଯୁବବର୍ଗ ହିଁ ସମାଧାନର ପନ୍ଥା ନିରୂପଣରେ ସଫଳ, ସୁଦୃଢ଼ ନେତୃତ୍ୱ ଗ୍ରହଣ କରିପାରିବେ। ଅଧୁନା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତର ପାଠ୍ୟକ୍ରମରେ ପରିବେଶର ବିଭିନ୍ନ ଦିଗ ଉପରେ ଜ୍ଞାନ ଆହରଣ କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟ ପରିବେଶ ସମସ୍ୟା ପ୍ରସଙ୍ଗରେ ପିଲାମାନଙ୍କ ମନରେ ବୟସ୍କଙ୍କ ତୁଳନାରେ ଅନେକ ଭାବନା ଜାଗ୍ରତ ହେଉଛି। କାରଣ ଏହାକୁ ନେଇ ସେମାନେ ଅଧିକ ଅନୁଭବ କରୁଛନ୍ତି। ସେମାନେ ଏବେ ଚିନ୍ତିତ, ଭୟଭୀତ, ଦୁଃଖିତ ଏବଂ କ୍ରୋଧିତ ମଧ୍ୟ। ନିଜ ପରିବେଶ ପ୍ରତି ସମ୍ବେଦନଶୀଳତାରେ ପରିପୂର୍ଣ୍ଣ ଏପରି ଅନୁଭବୀ ଯୁବପିଢ଼ି ହିଁ ହେଉଛି ଆଜିର ଆବଶ୍ୟକତା। ସମସ୍ୟାର କାରଣ, ନିରାକରଣ ଏବଂ ସମାଧାନର ସୂତ୍ର ନିରୂପଣ ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟ ସମ୍ପାଦନ କରିବା ସେମାନଙ୍କର ଈପ୍ସିତ ଲକ୍ଷ୍ୟ ହେବା ବାଞ୍ଛନୀୟ। ପରିବେଶ ବିଜ୍ଞାନ/ଶିକ୍ଷାର ବିଦ୍ୟାର୍ଥୀମାନେ ସମସ୍ୟାକୁ ବୁଝି ନବସୃଜନର ପ୍ରବର୍ତ୍ତନରେ, ନୂତନ ଚିନ୍ତାଧାରାରେ ଉଦ୍ଭାସିତ ହୋଇ ସମଗ୍ର ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ଆନ୍ଦୋଳନରେ ସାମିଲ କରାଇବା ନିମନ୍ତେ ବ୍ରତୀ ହୁଅନ୍ତୁ। ସେମାନେ ଜଳବାୟୁ ସମ୍ବନ୍ଧୀୟ ନୂତନ ତଥ୍ୟ ଆବିଷ୍କାର କରନ୍ତୁ ଏବଂ ଆବଶ୍ୟକ ଗବେଷଣା ଜାରି ରଖନ୍ତୁ। ଜାଣନ୍ତୁ ଯେ ସକାରାତ୍ମକ କାର୍ଯ୍ୟକ୍ରମ ଗ୍ରହଣର ଯାତ୍ରାରେ ସେମାନେ ଏକା ନୁହନ୍ତି ଏବଂ ନିଶ୍ଚିତ କରନ୍ତୁ ଯେ ନୂତନ ପିଢ଼ି ପରିବେଶ ସୈନିକ ସେମାନଙ୍କ ଅଭିଯାନରେ ବହୁ ସଂଖ୍ୟାରେ ସାମିଲ ଅଛନ୍ତି। ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗର ବାସ୍ତବତା ଏବଂ ତୀବ୍ରତାକୁ ଅଣଦେଖା ନ କରି ଏହି ବିଷୟରେ ସମାଜର ସବୁ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବାଣ୍ଟନ୍ତୁ।

ସମ୍ପ୍ରତି ଚନ୍ଦ୍ର ବା ମଙ୍ଗଳ ଗ୍ରହକୁ ମହାକାଶ ଯାନ ଉତ୍କ୍ଷେପଣ କିମ୍ବା ମାନବୀୟ ଯାତ୍ରା ପୃଥିବୀବାସୀଙ୍କ ନିମନ୍ତେ ଯେତିକି ଗୁରୁତ୍ୱ ବହନ ନ କରେ, ଅଧିକ ତାତ୍ପର୍ଯ୍ୟ ରଖେ ଆମେ ଜୀବନଯାପନ କରୁଥିବା ଗ୍ରହର ପ୍ରକୃତିର ସୁରକ୍ଷା ଏବଂ ଏହାର ଗୁଣାତ୍ମକ ମାନକୁ ବଜାୟ ରଖିବା। ତ୍ରୁଟିଯୁକ୍ତ ମାନବୀୟ କାର୍ଯ୍ୟକଳାପର ପ୍ରତିଫଳନରେ ଯେତେବେଳେ ଆଜି ବିଶ୍ୱ ଜଳବାୟୁରେ ପ୍ରଭୂତ ପରିବର୍ତ୍ତନ ଘଟି ଜୀବଜଗତକୁ ବିଲୁପ୍ତି ପଥରେ ଅଗ୍ରସର କରାଉଛି, ସେତେବେଳେ ଯୁବପିଢ଼ିର ନୈତିକ କର୍ତ୍ତବ୍ୟ ହେଉଛି ବୃତ୍ତିଗତ ଜୀବନ ବାହାରେ ପ୍ରକୃତି, ପରିବେଶ ଏବଂ ସମାଜର ସମସ୍ୟାକୁ ହୃଦୟଙ୍ଗମ କରି ସମାଧାନ ନିମନ୍ତେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିବା। ବିଜ୍ଞାନ ଓ ବୈଷୟିକ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ଯୁବପିଢ଼ି 'ସବୁଜ ପ୍ରଯୁକ୍ତି'ର ଉଦ୍ଭାବନ ମାଧ୍ୟମରେ ପ୍ରଦୂଷଣରେ ହ୍ରାସ ଘଟାଇ, ବିଶେଷ ରୂପେ ସବୁଜଗୃହ ବାଷ୍ପ ନିର୍ଗମନକୁ ପ୍ରତିହତ କରିବାର ମାର୍ଗ ନିର୍ଦ୍ଧାରିତ କରିପାରିବେ। ସେହିପରି ବର୍ଦ୍ଧିତ ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ସୌରଶକ୍ତି, ପବନ ଶକ୍ତି, ସମୁଦ୍ର ଢେଉ ଶକ୍ତି, ଜୈବିକ ଶକ୍ତି, ଉଦ୍‌ଜାନ ଶକ୍ତି, ନାଭିକୀୟ ଶକ୍ତି ପରି ବିବିଧ ସ୍ୱଚ୍ଛ, ଅକ୍ଷୟ ଶକ୍ତି ବା ନବୀକରଣକ୍ଷମ ଶକ୍ତିର ଉତ୍ସକୁ ଅଧିକ ପ୍ରସାରିତ କରି ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ସମ୍ପୂର୍ଣ୍ଣ ସଙ୍କୁଚିତ କରିବା ହେବ ଶ୍ରେଷ୍ଠ ପନ୍ଥା। ଏଥିସହ, ପ୍ରାକୃତିକ ପରିସଂସ୍ଥା, ଜଙ୍ଗଲ, ସବୁଜିମା, ଜଳଉତ୍ସ ଏବଂ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣକୁ ପ୍ରାଥମିକତା ପ୍ରଦାନ ଯୁବଗୋଷ୍ଠୀର ଲକ୍ଷ୍ୟ ହେଉ। ଜଳବାୟୁ ଅନିଶ୍ଚିତତା ପରିପ୍ରେକ୍ଷୀରେ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ନିମନ୍ତେ ଯୁବ କୃଷି ବୈଜ୍ଞାନିକମାନେ ବିକଳ୍ପ କୃଷି ଓ କୃଷି ପଦ୍ଧତି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟର ଅନୁମାନରେ ପ୍ରଭାବଶାଳୀ ପ୍ରଯୁକ୍ତିର ବିନିଯୋଗ ସହ କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ସୀମିତ ରଖିବାର ପ୍ରୟାସକୁ ଗୁରୁତ୍ୱ ପ୍ରଦାନ ଏକାନ୍ତ ଅପରିହାର୍ଯ୍ୟ। ଯୁବ ପ୍ରଶାସନିକ ଅଧିକାରୀମାନେ ଜଳବାୟୁ ଦୁଃସ୍ଥିତିରେ ପ୍ରଭାବିତ ଲୋକଙ୍କୁ ଦୃଷ୍ଟିରେ ରଖି ସହାୟକ ସରକାରୀ ନୀତି ଓ ଯୋଜନାର ପ୍ରଣୟନ ଏବଂ କାର୍ଯ୍ୟକାରୀ କରିବା ସହିତ ସେମାନଙ୍କ ପ୍ରତି ହୃଦୟରୁ ସମବେଦନା ପ୍ରଦର୍ଶନରେ ବ୍ରତୀ ହେବା ଆବଶ୍ୟକ। ଜଳବାୟୁ କ୍ଷତିଗ୍ରସ୍ତ ଓ ସ୍ଥାନାନ୍ତରିତ ହେଉଥିବା ଜନସାଧାରଣଙ୍କୁ ସହାୟତାର ହାତ ବଢ଼ାଇ ବେସରକାରୀ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଯୁବଗୋଷ୍ଠୀ ସେମାନଙ୍କର ନିକଟତର ହେବା ଏବଂ ମାନସିକ ସ୍ତରରେ ସେମାନଙ୍କୁ ସଶକ୍ତ କରିବା ଦିଗରେ ଚେଷ୍ଟିତ ହେବା ବିଧେୟ। ଆମ ଗ୍ରହର ସୁରକ୍ଷାକୁ ନିଶ୍ଚିତ କରିବା ଏବଂ ଏଥିନିମନ୍ତେ ଜନସାଧାରଣଙ୍କର ଯୋଗଦାନ ଓ ସରକାରୀ କଳକୁ ଅଧିକ ସକ୍ରିୟ କରିବା ଲକ୍ଷ୍ୟରେ ଯୁବଗୋଷ୍ଠୀ ଅଗ୍ରଦୂତର ଭୂମିକା ନିର୍ବାହ କରିବା ହେଉଛି ଆଜିର ଆହ୍ୱାନ। ଜଳବାୟୁ ପରିବର୍ତ୍ତନ ପରି ବୈଶ୍ୱିକ ସମସ୍ୟାର ମୁକାବିଲା ନିମନ୍ତେ ସ୍ଥାନୀୟ ତୃଣମୂଳ ସ୍ତରରୁ ବିଶ୍ୱ ପର୍ଯ୍ୟନ୍ତ ଉପଯୁକ୍ତ କାର୍ଯ୍ୟପନ୍ଥାର ଅବଲମ୍ବନ ହେଲେ ଏହି ଅନନ୍ୟ ଗ୍ରହ ଆଗାମୀ ପିଢ଼ି ନିମନ୍ତେ ସୁସ୍ଥ ପରିବେଶ ବଜାୟ ରଖିବାରେ ସମର୍ଥ ହେବ।

**-ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**

ଅଭିନନ୍ଦନ
ଆଜି ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରିଛି । ଧରିତ୍ରୀର ଲେଖା ଛପା ଉଚ୍ଚକୋଟୀର । ଧରିତ୍ରୀ ଏକ ନିର୍ଭୀକ ଖବର କାଗଜ । ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ ।
ଶୁଭେଚ୍ଛା ସହ
Er. Sitaram Dash
Asst.Engineer
Irrigation Office,
Pital Chhak, Shergarh Block

ଅଭିନନ୍ଦନ
ମାଟି ମାଁ ପରସ୍ପର ପରିପୂରକ । ଧର୍ମେ ଧାରଣେ ଧରିତ୍ରୀ । ଧରିତ୍ରୀ ପାଇଁ ଆଜି ଆମେ ଜନମାନସରେ ଆତଯାତ ହେଉଛି । ଧରିତ୍ରୀ କାଗଜର ୫୦ତମ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ପାଠକ ପାଠିକା ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ।
ଶୁଭେଚ୍ଛା ସହ
FL SHOP
Shergarh

ଅଭିନନ୍ଦନ
ନବୀନ ଆମର ପ୍ରିୟ ନେତା । ଦୀର୍ଘ ୨୦ ବର୍ଷ ହେଲା ଅପରାଜେୟ ଭାବେ ଓଡ଼ିଶାର ଜନହିତକର କାର୍ଯ୍ୟ କରିଆସୁଛନ୍ତି । ତାଙ୍କର ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତର ବିକାଶ ହେବ । ପଞ୍ଚାୟତର ବିକାଶର ଧାରା ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ । ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଅବସରରେ ବିଜେଡି ପରିବାର ଧରିତ୍ରୀ ପରିବାର, ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ କୃତଜ୍ଞତା ଜ୍ଞାପନ କରୁଛି । ମା' ତାରାତାରିଣୀ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘାୟୁ କରନ୍ତୁ ।
ଶ୍ରୀଯୁକ୍ତ ଦେବାନନ୍ଦ ମହାପାତ୍ର
ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ଉପସଭାପତି, ବିଜୁ ଜନତା ଦଳ, ଓଡ଼ିଶା

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସର ଓ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଓ ତାକରଡା ପଞ୍ଚାୟତର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କୃଷ୍ଣଚନ୍ଦ୍ର ନାୟକ
ବ୍ଲକ ଅଧ୍ୟକ୍ଷ, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀ ଆଜି ୫୦ ବର୍ଷ ଛୁଇଁଛି । ଠିକ୍ ଅର୍ଦ୍ଧଶତାବ୍ଦୀର ଜନ୍ମଦିନ ପାଳନ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଅଭିନନ୍ଦନ ସହ କୃତଜ୍ଞତା ଜଣାଉଛି ।
ଗଛର ସୁରକ୍ଷା ସହ ନିକଟ ଜଙ୍ଗଲର ଦାୟିତ୍ୱ ନିଅନ୍ତୁ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ ।
ଶୁଭେଚ୍ଛା ସହ
ଶାନ୍ତନୁ ନାୟକ
ଫରେଷ୍ଟର, ଷଡ଼ଙ୍ଗୀପଲ୍ଲୀ, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଓ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଧରିତ୍ରୀ ପରିବାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଆଶା ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ଜି.ରବି କୁମାର
ପଞ୍ଚାୟତ ଅଧିକାରୀ, ଶେରଗଡ଼

ଅଭିନନ୍ଦନ
Wish You
50th Birth Anniversary
of Dharitri
50th ଜନ୍ମବାର୍ଷିକ ଅବସରରେ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେଚ୍ଛା ସହ ବେଣୁଗୋପାଳ ବେହେରା
ସହକାରୀ ଯନ୍ତ୍ରୀ, ନାଳନର୍ଦ୍ଦମା, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ପାଠକ, ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।
Wish You 50th Anniversary of DHARITRI
ଶୁଭେଚ୍ଛା ସହ
ସୀମାଞ୍ଚଳ ଦାଶ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଶେରଗଡ଼ ବ୍ଲକ

ଅଭିନନ୍ଦନ
୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ କାଗଜ । ଆସନ୍ତୁ ଧରିତ୍ରୀକୁ ଭଲପାଇବା । ଧରିତ୍ରୀର ସୁଖ ଦୁଃଖରେ ସାମିଲ ହେବା । ଭୁବନେଶ୍ୱର ସଂସ୍କରଣର ଜନ୍ମଦିନ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଶୁଭେଚ୍ଛୁଙ୍କୁ ଆନ୍ତରିକ ଅଭିନନ୍ଦନ ।
ଶୁଭେଚ୍ଛା ସହ
ଶ୍ରୀ କବୀନ୍ଦ୍ର ନାଥ ପଣ୍ଡା
ଶେରଗଡ଼

ଅଭିନନ୍ଦନ
ଧନନ୍ତର ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ମୋର ଲକ୍ଷ୍ୟ । ଧନନ୍ତର ପଞ୍ଚାୟତର ଜନସାଧାରଣ ତଥା ବିଜେଡି ନେତା, କର୍ମୀଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ଧରିତ୍ରୀ ପରିବାରକୁ କୃତଜ୍ଞତା ଜ୍ଞାପନ କରୁଛି । ଶୁଭେଚ୍ଛା ସହ
ରାଜେଶ ଜେନା
ସରପଞ୍ଚ, ଧନନ୍ତର, ଶେରଗଡ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଧରିତ୍ରୀ ପରିବାର ତଥା ପାଠକ, ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି ତଥା ଶେରଗଡ଼ ବ୍ଲକ ଓ ଶେରଗଡ଼ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଆନ୍ତରିକ କୃତଜ୍ଞତା ଜଣାଉଛି । ଶୁଭେଚ୍ଛା ସହ
ଶ୍ରୀମତୀ ସବିତାରାଣୀ ଚୌଧୁରୀ
ଉପଦେଷ୍ଟା, ମହିଳା ଶିଶୁ ବିକାଶ ବିଭାଗ, ଓଡ଼ିଶା ତଥା ସମିତି ସଭ୍ୟା, ଶେରଗଡ଼ ଗ୍ରାମପଞ୍ଚାୟତ

BIJU PATTNAIK JUNIOR COLLEGE
Shergarh
Wish You Happy Prosperous 50th Birth Anniversary of Dharitri
ନିଜ ପୁଅ ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶେରଗଡ଼ସ୍ଥିତ ବିଜୁ ପଟ୍ଟନାୟକ କନିଷ୍ଠ ମହାବିଦ୍ୟାଳୟରେ ନାମ ନମୋନ କରନ୍ତୁ । ଉକ୍ତ ଅନୁଷ୍ଠାନରେ ମେଧାବୀ ଅଧ୍ୟାପକଙ୍କ ଦ୍ୱାରା ପାଠଦାନ କରାଯାଏ ।
ଯୋଗାଯୋଗ କରନ୍ତୁ
ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ପଞ୍ଚାୟତ ପଛପଟେ, ଶେରଗଡ଼
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଶେରଗଡ଼, ମୋ-9938226432

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ଜନ୍ମଦିନ ପାଳନ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ସହ କୃତଜ୍ଞତା ଜ୍ଞାପନ ପ୍ରଦାନ କରୁଛି । ଶେରଗଡ଼ ବ୍ଲକର ଜନସାଧାରଣ ତଥା ବିଜେଡି ନେତା, କର୍ମୀ, ନିର୍ବାଚିତ ପ୍ରତିନିଧିଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା ।
ଶୁଭେଚ୍ଛା ସହ
ସନ୍ତୋଷ କୁମାର ପଟ୍ଟନାୟକ
ଯୁବ ବିଜେଡି ସଭାପତି, ଶେରଗଡ଼ ବ୍ଲକ

Wish You Happy Prosperous 50th Birth Anniversary of Dharitri
ଜଣେ ସୁସ୍ଥବାନ ମନୁଷ୍ୟ ପାଇଁ ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି । ନିରାପଦ ଜୀବନଯାପନ କରନ୍ତୁ । ଶରୀରକୁ ସୁସ୍ଥ ରଖନ୍ତୁ । ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ।
Dr.ଶ୍ରୀକାନ୍ତ କୁମାର ତ୍ରିପାଠୀ
ଡେଙ୍ଗାପଦର ସ୍ୱାସ୍ଥ୍ୟକେନ୍ଦ୍ର

ଅଭିନନ୍ଦନ
Wish You Happy Prosperous 50th Birth Anniversary of Dharitri, Bhubaneswar
୫୦ ବର୍ଷ ପାଳନ ଅବସରରେ ଧରିତ୍ରୀ ପରିବାର, ପାଠକ ପାଠିକା, ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ଧରିତ୍ରୀ ପଢ଼ନ୍ତୁ, ନିର୍ଭୀକ ଖବର ପାଆନ୍ତୁ ।
ଶୁଭେଚ୍ଛା ସହ
LIC भारतीय जीवन बीमा निगम LIFE INSURANCE CORPORATION OF INDIA
ଗୌତମ ମହାପାତ୍ର
LIC Agent, ଶେରଗଡ଼

Hero ଅଭିନନ୍ଦନ
Aditya Motors Shergarh wish you happy prosperous 50th Anniversary of Dharitri
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଆଦିତ୍ୟ ମୋଟର ହିରୋ ଶୋ ରୁମ୍ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା ।
ଶୁଭେଚ୍ଛା ସହ ପ୍ରୋପା-ପର୍ଶୁରାମ ସ୍ୱାଇଁ
ହିରୋ ଶୋ ରୁମ୍, ଆଦିତ୍ୟ ମୋଟର୍ସ, ଶେରଗଡ଼

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଧରିତ୍ରୀ ପରିବାର, ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଧରିତ୍ରୀ ଏକ ନିର୍ଭୀକ ଖବରକାଗଜ । ଏହାର ଲେଖା, ଛପା ଅତ୍ୟନ୍ତ ଉଚ୍ଚକୋଟୀର । ଏହା ମତାମତକୁ ପ୍ରାଧାନ୍ୟ ଦେଇ ୫୦ ବର୍ଷ ହେଲା ଚାଲିଆସିଛି । ଆସନ୍ତୁ ଧରିତ୍ରୀକୁ ଭଲପାଇବା, ଧରିତ୍ରୀ ପଢ଼ିବା ।
ଶୁଭେଚ୍ଛା ସହ
ଜଣେ ଶୁଭେଚ୍ଛୁ
ଶେରଗଡ଼ ତହସିଲ

ଧରିତ୍ରୀର ୫୦ତମ ଜନ୍ମ ବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା, ଧରିତ୍ରୀ ପରିବାରର ଅଗଣିତ ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ କୃତଜ୍ଞତା ଜଣାଉଛି । ତାକରଡା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଆଶା ଜଗତରନାଥ ଜଗନ୍ନାଥ ସମସ୍ତଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରାନ୍ତୁ । ଧରିତ୍ରୀ ପଢ଼ନ୍ତୁ ଆଗକୁ ବଢ଼ନ୍ତୁ । ଶୁଭେଚ୍ଛା ସହ
ଶ୍ରୀଯୁକ୍ତ ରାଜେନ୍ଦ୍ର ସେଠୀ
ସରପଞ୍ଚ, ତାକରଡା ଗ୍ରାମପଞ୍ଚାୟତ
ଶେରଗଡ଼ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ତାକରଡା ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ଅଭିନନ୍ଦନ । ଆଶା ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ଅବନୀ କୁମାର ଦାଶ
ତାକରଡା, ଶେରଗଡ଼

BIJU PATTNAIK
ENGLISH MEDIUM SCHOOL
Shergarh
Wish You Happy 50th Birth Anniversary of Dharitri
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା । LKG ଠାରୁ Class 8th ପର୍ଯ୍ୟନ୍ତ ନାମ ନମୋନ ପାଇଁ ଯୋଗାଯୋଗ କରନ୍ତୁ । ୨୦୨୩-୨୪ ବର୍ଷ ପାଇଁ ନାମ ଲେଖା ଯାଉଛି
ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଝୁଣ୍ଟୁଣ୍ଡା ଛକ, ଆସିକା ରୋଡ, ଶେରଗଡ଼, ମୋ-9937082829

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଶେରଗଡ଼ ବ୍ଲକ ଓ ଶେରଗଡ଼ ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି । ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଚଲାପଥରେ ପୁଷ୍ପବୃଷ୍ଟି କରାନ୍ତୁ । ଶୁଭେଚ୍ଛା ସହ
ହୃଷୀକେଶ ପାଢ଼ୀ
ଜିଲ୍ଲା ଉପସଭାପତି,ବିଜୁ ଜନତା ଦଳ ବରିଷ୍ଠ ନେତା, ଶେରଗଡ଼

